ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୯ ● ୧୮ ଜାନୁଆରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -30 ● Issue-349 ● 18th January 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24



DSPL-551

ଆମ ଓଡ଼ିଶା ନବୀନ ଓଡ଼ିଶା

ସହରାଞ୍ଚଳ ଓଡ଼ିଶା

# ରୂପାନ୍ତରଣ

## ଅର୍ନ୍ତଜାତୀୟ କନକ୍ଲେଭ୍

ବିକେନ୍ଦ୍ରିତ | ବ୍ୟାପକ | ଗୋଷ୍ଠୀକୈନ୍ଦ୍ରିକ

୧୮ ରୁ ୨୦ ଜାନୁଆରୀ ୨୦୨୪ | ଭୁବନେଶ୍ୱର

5T ଅନ୍ତର୍ଗତ ଏକ ପଦକ୍ଷେପ



ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ଭର୍ଚୁଆଲ ମୋଡ୍‌ରେ ଶୁଭ ଉଦ୍‌ଘାଟନ

୧୮ ଜାନୁଆରୀ ୨୦୨୪, ପୂର୍ବାହ୍ନ ୧୧ ଘଟିକା

- ଓଡ଼ିଶା ଅର୍ବାନ ଏକାଡେମୀ ଉତ୍ସର୍ଗ
- ଓଡ଼ିଶା ସହରାଞ୍ଚଳ ପରିମଳ ନୀତି ୨୦୨୪ର ଶୁଭାରମ୍ଭ
- ରାଜ୍ୟ ତଥା ଦେଶର ସହରାଞ୍ଚଳ ବିଶାରଦମାନଙ୍କ ସହ ରୂପାନ୍ତରଣ ବିଷୟବସ୍ତୁ ଉପରେ ଆଲୋଚନା
- ଓଡ଼ିଶା ମଡେଲ୍‌କୁ ବିଶ୍ୱସ୍ତରର ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ
- କମ୍ୟୁନିଟି ଚାମ୍ପିଅନ୍‌ମାନଙ୍କୁ ସମ୍ବର୍ଦ୍ଧନା
- ସହଭାଗିତାକୁ ଅଗ୍ରାଧିକାର

#OdishaontheMove

urbanodisha.gov.in @HUDDeptOdisha hudd_odisha

OIPR : 13001/13/0055/2324



## ନିରାମୟ ଉପଦେଷ୍ଟାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମୀକ୍ଷା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁର ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟ ଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ ଏବଂ ଚିକିତ୍ସା ହେଉଥିବା ରୋଗୀଙ୍କ ନିକଟକୁ ଯାଇ ମାଗଣାରେ ଔଷଧ ମିଳୁଚିକି ନାହିଁ ପଚାରି ବୁଝିଥିଲେ। ଆମ ହସ୍ପିଟାଲ ଯୋଜନାରେ ନିର୍ମାଣ ହୋଇଥିବା ନୂତନ ନିରାମୟ ସେଣ୍ଟର ପରିଦର୍ଶନ କରିଛନ୍ତି। ଏହା ପରେ ଉପସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶ, ହସ୍ପିଟାଲ ଅଧକ୍ଷ ଡାକ୍ତର ଅଜୟ କୁମାର ସ୍ୱାଇଁ, ସିନିୟର ଫାର୍ମାସିଷ୍ଟ ପ୍ରଭାତ ସାହୁ, ହସ୍ପିଟାଲ ମ୍ୟାନେଜର ସଚିନ କୁମାର ସାହୁ ଏବଂ ସସ୍ମିତା ସାହୁଙ୍କ ସହ ଆଲୋଚନା କରିଥିଲେ ଏବଂ ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ସେ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ମାନେ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଥିଲେ।

## ଦାଦାବଟି ମାଗିବା ଅଭିଯୋଗରେ ଜଣେ ଗିରଫ, ଜଣେ ଫେରାର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଦାଦାବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ବାରଙ୍ଗ ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଏହି ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମର ନଟବର ଲେଙ୍କାଙ୍କ ପୁଅ ଛବିନ୍ଦ୍ର ଲେଙ୍କା ଓରଫ ଛବି (୩୩)। ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବା ବେଳେ ତାର ଅନ୍ୟ ଜଣେ ସହଯୋଗୀ ଫେରାର ରହିଛି। ସୂଚନା ମୁତାବକ ରବିବାର ରାତି ପ୍ରାୟ ୧୦ଟା ସମୟରେ ଅଭିଯୁକ୍ତ ଛବି ନିଜର ଜଣେ ସହଯୋଗୀ ସହ ନରଣପୁର ସ୍ଥିତ ବାଲିଘାଟକୁ ଯାଇ ସେଠାରେ ଥିବା କାଉଣ୍ଟରରେ କାର୍ଯ୍ୟରତ ଥିବା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ବଡ଼ଦାଣ୍ଡ ଗ୍ରାମର ପ୍ରକାଶ ଚନ୍ଦ୍ର ତରାଇଙ୍କୁ ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିରେ ସେ ଭୟଭୀତ ହୋଇ ପାଖରେ ଥିବା ୪୦ ହଜାର ଟଙ୍କା ତାଙ୍କୁ ଦେଇଥିଲେ ଏବଂ ଆଉ ବଳକା ଟଙ୍କା କାଲି ଆସି ନେବେ କହି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ପ୍ରକାଶ ସେହି ରାତିରେ ବାରଙ୍ଗ




ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ସୋମବାର ଅଭିଯୁକ୍ତ ଛବିକୁ ଗିରଫ କରିବାରେ ସଫଳ ହୋଇଛି। ତା ନିକଟରୁ ୩୦ ହଜାର ଟଙ୍କା ଜବତ ମଧ୍ୟ କରିଛି। ଏହି ଘଟଣାରେ ପୋଲିସ କେସ୍ ନଂ ୨୩/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ଛବିକୁ ସୋମବାର ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ଅଭିଯୁକ୍ତ ଛବି ନାମରେ ପୂର୍ବରୁ କଟକ ଜିଲ୍ଲାର ବିଭିନ୍ନ ଥାନା ଏବଂ ବାରଙ୍ଗ ଥାନାରେ ବେଆଇନ୍ ଅସ୍ତ୍ରଶସ୍ତ୍ର, ହତ୍ୟା ଧମକ, ଦାଦାବଟି ଆଦି ବିଭିନ୍ନ ଅପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## ବାହୁଦା ମୁହାଣରେ ନୂତନ ପ୍ରଜାତିର ପକ୍ଷୀ ଚିହ୍ନଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଉପଖଣ୍ଡର ବିଭିନ୍ନ ବନାଞ୍ଚଳ ଅଧୀନରେ ପକ୍ଷୀଗଣନା ଆରମ୍ଭ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ବାହୁଦା ମୁହାଣ ସମେତ ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୪୯ଟି ଟିମ୍ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ବ୍ରହ୍ମପୁର ବନାଞ୍ଚଳରେ ୧୨ଟି, ଖଲ୍ଲିକୋଟ ବନାଞ୍ଚଳରେ ୧୫ଟି, ଦିଗପହଣ୍ଡିରେ ୧୪ ଓ ସାମନ୍ତିଆ ପଲ୍ଲୀରେ ୮ଟି ଟିମ୍ ବନଖଣ୍ଡର ବିଭିନ୍ନ ସଂରକ୍ଷିତ ସ୍ଥାନରେ ଗଣନା ପାଇଁ ନିୟୋଜିତ ଥିଲେ। ବାହୁଦା ମୁହାଣରେ ଚଳିତ ବର୍ଷ ବିଦେଶୀ ପକ୍ଷୀ ଅଧିକ ମାତ୍ରାରେ ଚିହ୍ନଟ ହୋଇଥିବା ଜଣାଯାଇଛି। ପିନ୍ ଟେଇଲ୍ ସ୍ନାଇପ ନୂଆ ଓ ବିରଳ ପ୍ରଜାତିର ପକ୍ଷୀ ଚଳିତ ବର୍ଷ ଏଠାରେ ଚିହ୍ନଟ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଗ୍ରୀନ୍ ସେଣ୍ଡପାଇପର, ବ୍ଲାକ୍ ୱେଙ୍ଗେଡ଼ ଷ୍ଟିଲଟ, ନର୍ଥେନ ପିନଟେଇଲ୍, ୱାଇଟ୍ ଆଇବିଶ, ରୁଡ଼ି ଶେଲଡ଼କ୍, ବ୍ରାଉନ୍ ହେଡ଼େଡ୍ ଗୁଲ, ଇଉରେସିଆନ୍ କରଲ, ପରପଲ ହେରାନ୍, ପାଇଡ୍ କିଙ୍ଗ ଫିସର, ବ୍ଲାକ୍ ଡ୍ରଙ୍ଗୋ, ଲିଟିଲ ଇଗରେଟ୍, ଗ୍ରେଟ୍ ଇଗରେଟ୍, ପଣ୍ଡ ହେରାନ୍, ମାର୍ଶ ସେଣ୍ଡପାଇପର, ଉଡ୍ ସେଣ୍ଡପାଇପର, ୱାଇଟ୍ ଥ୍ରୋଟେଡ୍ କିଙ୍ଗଫିସର, କମନ ସ୍ନାଇପ, ରେଡ୍ ୱାଟ୍ଲେଡ୍ ଲାପୱାଇଙ୍ଗ, ବ୍ରୋଞ୍ଜ ୱାଇଂଡ଼ ଯାକାନା, ବ୍ରାମିନି କାଇଟ୍ ସ୍ୱାଲୋ, ପିନ୍ ଟେଇଲ୍ ସ୍ନାଇପ, ପେଇଣ୍ଟେଡ୍ ଷ୍ଟର୍କ, ଇଉରେସିଆନ୍ ୱାଇଗନ୍, ଲିଟିଲ୍ କମ୍ରେଣ, ବି. ଇଟର ପ୍ରଭୃତି ପ୍ରଜାତି ସମେତ ଦେଶୀୟ ପକ୍ଷୀ ମଧ୍ୟ ଚିହ୍ନଟ ହୋଇଛନ୍ତି। ସମ୍ପୂର୍ଣ୍ଣ ଗଣନା ସରିବା ପରେ କେତେ ମାତ୍ରାରେ ପକ୍ଷୀ ବୃଦ୍ଧି ହୋଇଛନ୍ତି ଓ କେଉଁ କେଉଁ ନୂତନ ପ୍ରଜାତିର ପକ୍ଷୀ ବ୍ରହ୍ମପୁର ବନଖଣ୍ଡକୁ ଆସିଛନ୍ତି ତାହା ଜଣାପଡ଼ିଛି। ସୂଚନା ଅନୁସାରେ ଗତବର୍ଷ ବ୍ରହ୍ମପୁର ବନଖଣ୍ଡରେ ୨୧ଟି ନୂତନ ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଥିଲେ। ଖପରା ଖାଇ, ଲାଞ୍ଜି ଗେଣ୍ଡି, ହଂସରାଳି, ପାଣିଚିରା ଗେଣ୍ଡି, ପାଣି ଚିରା, କୁକୁଡ଼ା, ରଙ୍ଗ ଗେଣ୍ଡି, ଧୂସୁରା ଗେଣ୍ଡି, ଗୋଠ ବଗୁଲି, ଗେଣ୍ଡାଳିଆ ପ୍ରଜାତିର ପକ୍ଷୀ ବହୁ ମାତ୍ରାରେ ଦେଖିବାକୁ ମିଳିଥିଲା। ବ୍ରହ୍ମପୁର ବନାଞ୍ଚଳ ଅଧିନସ୍ଥ ବାହୁଦା ନଦୀ ଓ ସମୁଦ୍ରର ମିଳନ ସ୍ଥାନରେ ସର୍ବାଧିକ ୧୭ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଗତବର୍ଷ ଦେଖିବାକୁ ମିଳିଥିଲା। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ନୂଆ ପ୍ରଜାତି ଓ ଅଧିକ ସଂଖ୍ୟକ ପକ୍ଷୀ ଦେଖାଯାଇଥିବା ପ୍ରକାଶ।

## କଣ୍ଟାବାଞ୍ଜିକୁ ପୌରପାଳିକା ଓ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ଦାବି

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଏକାଧିକ ସଂଗଠନର ପକ୍ଷରୁ ୫ଟି ଅଧକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ଦାବି ଗୁଡିକ ମଧ୍ୟରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଖାନାକୁ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା। କଣ୍ଟାବାଞ୍ଜି ଡାକ୍ତରଖାନାରେ ତିଆରି ହୋଇଥିବା ଏମସିଏଚକୁ ଠିକ୍ ଭାବେ କାର୍ଯ୍ୟକ୍ଷମ, ସମସ୍ତ ଖାଲିଥିବା ପଦବୀ ପୂରଣ। କଣ୍ଟାବାଞ୍ଜି ରେଲୱେର ଖାଲି ପଡି ରହିଥିବା ୪୫୦ ଏକର ଜମି ରାଜ୍ୟ ସରକାର ତରଫରୁ ଯେ କୌଣସି କାରଖାନା ଲଗାଇବା ପାଇଁ ରେଲୱେ କର୍ତ୍ତୃପକ୍ଷକୁ ଅନୁରୋଧ କରିବା ସହ ରାଜ୍ୟ ସରକାର ଏହି ଜମିକୁ ଲିଜ୍‌ରେ ନେଇ ଯେ କୌଣସି କଳକାରଖାନା ବା ପ୍ରୋଜେକ୍ଟ କରିବା, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଜଳସେଚନ ସୁବିଧା, କଣ୍ଟାବାଞ୍ଜି ଏନଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ଦୀର୍ଘ ୮ ବର୍ଷ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିଲେ କିନ୍ତୁ ଆଜି ଯାଏଁ କାର୍ଯ୍ୟକାରି ହେଲା ନାହିଁ। ଏହା ଉପରେ ଦୃଷ୍ଟି ଦେବା, କଣ୍ଟାବାଞ୍ଜିରୁ ଜୟପୁର ଭାୟା ରାଜ-ଖରିଆର ନୂତନ ରେଳପଥ ପାଇଁ ରେଳ ବିଭାଗ ସର୍ବେ କରିଛି କିନ୍ତୁ ଆଜି ଯାଏଁ କାମ ଆରମ୍ଭ ହୋଇନାହିଁ। ରାଜ୍ୟ ସରକାର ୫୦:୫୦ ମୋଡରେ ବା ରେଲୱେକୁ ମାଗଣା ଜମି ଯୋଗାଇ ଏହି ପ୍ରକଳ୍ପ ଆରମ୍ଭ ହେଲେ ଅବହେଳିତ କେବିକେ ଅଞ୍ଚଳର ବହୁ କ୍ଷେତ୍ର ରେଲୱେ ପଥରୁ ଯୋଡ଼ି ହେବ। କଣ୍ଟାବାଞ୍ଜି ବା ବଲାଙ୍ଗୀର ଜିଲ୍ଲାରେ ଗୋଟିଏ କପା ବା କପଡା କାରଖାନା ତିଆରି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ଦେଖାନ୍ତୁ ଯେହେତୁ ଏହି ଅଞ୍ଚଳରେ କପା ଚାଷ ବହୁ ପରିମାଣରେ ହେଉଛି। ପୂର୍ବରୁ ରେଲୱେ ପ୍ରଶାସନ ଜମି ଚିହ୍ନଟ କରିଥିବା ବେଳେ କଣ୍ଟାବାଞ୍ଜି ରେଲୱେ ଜମିରେ ରେଳଡବା ନିର୍ମାଣ କାରଖାନା ପାଇଁ ରାଜ୍ୟ ସରକାର ତରଫରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ପ୍ରାର୍ଥନା। କଣ୍ଟାବାଞ୍ଜିରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଓ ଗୋଟିଏ ନବୋଦୟ ବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାର ତରଫରୁ କେନ୍ଦ୍ର ସରକାର ନିକଟରେ ଦାବି ଉପସ୍ଥାପନ ବା ପ୍ରସ୍ତାବ, ବଲାଙ୍ଗୀର ଜିଲ୍ଲା ପ୍ରମୁଖ ଐତିହାସିକ ପୀଠ ରାଣୀପୁର ଝରିଆଲ ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ୧୦୦ କୋଟି ଟଙ୍କା ମଞ୍ଜୁର ରାଜ୍ୟ ସରକାର ତରଫରୁ କରାଯାଉ, ଟାଟା ପାୱାର ଯେଉଁ ଦିନ ଠାରୁ ବିଦ୍ୟୁତ ସେବା ହାତକୁ ନେଇଛି ସେହିଦିନ ଠାରୁ ଉପଭୋକ୍ତା ବହୁ ଶୋଷଣର ଶିକାର ହେଉଛନ୍ତି, ତେଣୁ ଟାଟା ପାୱାର ଗ୍ରାହକ ମାନଙ୍କ ଅଧିକାର ଅଭିଯୋଗ ପାଇଁ ଗ୍ରାହକଙ୍କ ସାଙ୍ଗରେ ଉତ୍ତମ ବ୍ୟବହାର ପାଇଁ ନିର୍ଦ୍ଦେଶ, କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ବହୁ ଲୋକ ଜମି ସତ୍ତ୍ୱ ପଟ୍ଟାଦାରରୁ ରୟିତି କରିବା ପାଇଁ ଆବେଦନ କରି ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କ ମାମଲା ଗୁଡ଼ିକୁ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଦୃଷ୍ଟି, କଣ୍ଟାବାଞ୍ଜିରେ ଉପଜିଲ୍ଲାପାଳଙ୍କ କ୍ୟାମ୍ପ କୋର୍ଟ ହେଉ ନାହିଁ ଏଥିପାଇଁ ଉପଯୁକ୍ତ ନିର୍ଦ୍ଦେଶ, କଣ୍ଟାବାଞ୍ଜି ରେଲୱେ ଜମି ଘର କରିଥିବା ଲୋକଙ୍କୁ ରେଲୱେ ଖାଲି କରିବା ପାଇଁ ନୋଟିସ୍ ଦେଇଛି, ଏହି ଲୋକ ମାନଙ୍କ ପାଇଁ ରାଜ୍ୟ ସରକାର ତରଫରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ତାଙ୍କୁ ଥାଇଥାନର ବ୍ୟବସ୍ଥା, ରାଜ୍ୟରେ କାର୍ଯରତ ସାମ୍ବାଦିକ ମାନଙ୍କୁ ରାଜ୍ୟ ସରକାର ତରଫରୁ ଗୋପବନ୍ଧୁ ଜୀବନ ବୀମା ଯୋଜନାରେ ୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୦ ଲକ୍ଷ ଟଙ୍କା ଦେବାକୁ, କଣ୍ଟାବାଞ୍ଜି ତହସିଲ ଅଫିସ୍‌ରେ କର୍ମଚାରୀର ଘୋର ଅଭାବ ରହିଛି, ଏଠାରେ ତହସିଲଦାର ସହ ୨ ଅତିରିକ୍ତ ତହସିଲଦାର ରହିବା କଥା ହେଲା ଦୀର୍ଘ ବର୍ଷ ସମୟ ଧରି ଅତିରିକ୍ତ ତହସିଲଦାର ଏଠାରେ ନାହାନ୍ତି ଯାହାଦ୍ୱାରା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହା ସହ ଏହି ତହସିଲରେ ବହୁ କର୍ମଚାରୀ ଅଭାବ ରହିଛି, ଏହି ସମସ୍ୟା ଉପରେ ଦୃଷ୍ଟି ଦେଲେ ଲୋକ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରେଳ ଯାତ୍ରୀ ସଂଘ, ନାଗରିକ କମିଟି, ରାଇଟ ଟୁ ଫାଇଟ, କଞ୍ଜୁମର ଫୋରମ୍, ପ୍ରେସ୍ କ୍ଲବ୍, ଅନୁଷ୍ଠାନ ଏହି ଦାବିପତ୍ର ଦେଇଛନ୍ତି।



## ରାସ୍ତା ଓ ଗୃହ ମୁଖ୍ୟ ଦପ୍ତର (ନିର୍ମାଣସୌଧ) ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିର୍ମାଣ ବିଭାଗ ଅଧିନସ୍ଥ ରାସ୍ତା ଓ ଗୃହ ମୁଖ୍ୟ ଦପ୍ତରରୁ ଅବସର ଗ୍ରହଣ କରିଥିବା ବିଭିନ୍ନ ବର୍ଗ କର୍ମଚାରୀମାନଙ୍କର ଷଷ୍ଠ ବାର୍ଷିକ ବନ୍ଧୁମିଳନ ଉତ୍ସବ କେଦାରଗୌରୀ ମନ୍ଦିର ପ୍ରାଙ୍ଗଣରେ ତା. ୧୪.୦୧.୨୦୨୪ରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ପୌରୋହିତ୍ୟ କରିଥିଲେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପ୍ରଭାତ କୁମାର ତ୍ରିପାଠୀ। ଏକ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ମଧ୍ୟରେ ଉପସ୍ଥିତ ପ୍ରତ୍ୟେକ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କର ନିଜର ସ୍ୱାସ୍ଥ୍ୟଗତ ତଥା ପାରିବାରିକ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ମଧୁର ଭାବବିନିମୟ କାର୍ଯ୍ୟକ୍ରମ ପରିବେଶକୁ ଅତ୍ୟନ୍ତ ଗମ୍ଭୀର କରିଦେଇଥିଲା। କାର୍ଯ୍ୟକ୍ରମଟିକୁ ଆୟୋଜନ କରିବାରେ ବାଳକୃଷ୍ଣ ପ୍ରଧାନଙ୍କ ସାଧୁ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସମସ୍ତ ତରଫରୁ ସଭାପତି ଶ୍ରୀ ତ୍ରିପାଠୀ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମ ଚାଲୁ ରଖିବାକୁ ମଧ୍ୟ ସମସ୍ତେ ସହମତି ପ୍ରଦାନ କରିଥିଲେ। ଶେଷରେ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମର ପରିସମାପ୍ତି ଘଟିଥିଲା।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଜାତୀୟ ସମ୍ମାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗ ଆନୁକୁଲ୍ୟରେ "Mathematics Behind Security of Online Transactions" Gaõ "Pigeonhole Principal" ଶୀର୍ଷକ ଏକ ଜାତୀୟ ସେମିନାର୍ ଅଧକ୍ଷା ଡ଼ ପ୍ରମିଳା ରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାର୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର୍ ଡ଼ ସୁଦର୍ଶନ ପାଢୀ ଏବଂ ଏନ୍.ଇ.ଆର୍.ଆଇ.ଏସ୍.ଟି, ଇଟାନଗର, ଅରୁଣାଚଳ ପ୍ରଦେଶର ପୂର୍ବତନ ପ୍ରଫେସର୍ ଡ଼କ୍ଟର ପ୍ରମୋଦ କୁମାର ଦାସ ରିସୋର୍ସ ପର୍ସନ ଭାବରେ ଯୋଗଦେଇ ଉକ୍ତ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି ଅତିଥି ପରିଚୟ ପ୍ରଦାନ ଏବଂ ଡ଼. ମଧୁରୀ ଚରଣ ନାୟକ ସମ୍ମାନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ସାହୁ ଏହି ସମ୍ମାନକୁ ପରିଚାଳନା କରିଥିଲେ ଏବଂ ଅଧ୍ୟାପିକା ନିବେଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ

## ଉତ୍ତମ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**କଟକ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମିଶନ ଠାରେ ରାଜ୍ୟ ସ୍ତରୀୟ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପୂର୍ବଭାରତର ଉପସଭାପତି ସୟଦ ଅକିଲ ଅହମଦ ପୌରୋହିତ୍ୟ କରିଥିଲେ। କୋରାନ ପାଠ ସୟଦ ୟହିଆ ଅହମଦ କରିବା ସହ ବୈଠକର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ମଜଲିସ ଅନସାରୁଲ୍ଲା ପୂର୍ବଭାରତର ଉପସଭାପତି ସଫାରତ ଅହମଦ ଖାଁ ଯୋଗଦେଇ କହିଲେ, ଯୁବ ସୁଧାରରେ ହିଁ ସମାଜ ସୁଧାର। ଯୁବକମାନଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ଭଲ ଅବସର ମିଳୁଛି। ଭଲ ପାଠ ପଢି ଭଲ ସମାଜ ଗଢିବା ଉଚିତ୍। ସମ୍ମାନୀତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ବାଲେଶ୍ୱର ସଂଗଠନର ସଭାପତି ସିଦ୍ଦିକ ଖାଁ ଯୋଗଦେଇ ଯୁବସଂଗଠନର ବାର୍ଷିକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ସମ୍ମାନୀତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା କଟକ ସଂଗଠନର ସଭାପତି ଶଫାକତ ଅଲ୍ଲୀ ଯୋଗଦେଇ କହିଲେ, ଆଞ୍ଚଳିକ ଯୁବ ସଂଗଠନର ବିକାଶ ଓ ଉନ୍ନତି କ୍ଷେତ୍ରରେ କେନ୍ଦ୍ରୀୟ ଯୁବସଂଗଠନର ବିଶେଷ ସାହାଯ୍ୟ ଓ ସହଯୋଗ ରହିଲେ ଯୁବକମାନେ ଭଲ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିପାରିବେ। ତୃତୀୟ ସମ୍ମାନୀତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ ସଂଗଠନର ସଭାପତି ତବରେଜ ଅହମଦ ଖାଁ ଯୋଗ ଦେଇ କହିଲେ, ଉତ୍ତମ ସମାଜ ଗଢିବାରେ ଯୁବକମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯୁବକମାନଙ୍କ ଭଲ ଗତିରେ ହିଁ ଦେଶର ଓ ସମାଜର ପ୍ରଗତି ରହିଛି। ଯୁବକମାନେ ଶୃଙ୍ଖଳିତ ହୋଇ ଭଲ କର୍ମ କରିବା ଦରକାର। ଏହି ବୈଠକରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାଁ କହିଲେ, ଯୁବକମାନଙ୍କୁ ନିଜ ବାର୍ଷିକ କାର୍ଯ୍ୟକ୍ରମ ବ୍ୟତୀତ ଭଲ ସମାଜ ଗଢିବା ଏବଂ ଧର୍ମକର୍ମରେ ଆଗେଇବା ତଥା ମାନବ ସେବା ଓ ପରୋପକାରୀ ହେବା ପାଇଁ ଯୁବକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ପୌରୋହିତ୍ୟ ଭାଷଣରେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପୂର୍ବଭାରତର ଉପସଭାପତ ସୟଦ ଅକିଲ ଅହମଦ କହିଲେ, ବାପ-ମା'ମାନେ ଯଦି ସନ୍ତାନର ସଠିକ୍ ଯତ୍ନ ନିଅନ୍ତେ ତେବେ ପିଲାଟି ଦିନରୁ ତାଙ୍କର ଚିନ୍ତାଧାରା ଭଲ ହୁଅନ୍ତା। ଏବେ ଆମେ ପାଶ୍ଚାତ୍ୟ ଜଗତର ସଭ୍ୟତାକୁ ଆପଣାଇବା ଦ୍ୱାରା ସନ୍ତାନମାନଙ୍କ ଉପରେ ତାର ଘୋର କୁପ୍ରଭାବ ପଡ଼ିଛି। ଫଳରେ ଆମେମାନେ ଆମର ସଭ୍ୟତା, ସଂସ୍କୃତି, ଶିଷ୍ଟାଚାର, ଗୁରୁଭକ୍ତି ତଥା ଭାରତ ବର୍ଷର ଐତିହ୍ୟକୁ ଭୁଲି ଯାଉଛେ। ଆମମାନଙ୍କ ମଧ୍ୟରେ ମାନବିକତା ଓ ଏକାଗ୍ରତା ରହିବା ଉଚିତ୍। ଏହି ବୈଠକରେ କଟକ ଜିଲ୍ଲାର ତାଳବରକୋଟ, କରଡ଼ାପଲ୍ଲୀ, ଗୁଣ୍ଡିଚାପଡ଼ା, ପଙ୍କାଳ, କୋଟପଲ୍ଲା, ସୁଙ୍ଗୁଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର କେରଙ୍ଗ, ମହମୁଦାବାଦ, ପଙ୍ଗାରସିଂ, ଭୁବନେଶ୍ୱର, ଓ.ଏସ.ଏ.ପି, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲ୍ଲାର ସୋରୋ, ଭଦ୍ରକ ଓ ବାଲେଶ୍ୱର ସଂଗଠନର ଯୁବସଭାପତି ତଥା ବହୁ ସଂଖ୍ୟାରେ ଯୁବକର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖତାର ଅହମଦ ପରିଚାଳନା କରିଥିଲେ।


## ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର, ସିଏଫ୍‌ସି ପ୍ରତିଷ୍ଠା, ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଅନିଶ୍ଚିତତା

### ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ୱପ୍ନ ପୂରଣ ହେବ କେବେ ?

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳାର ପୂର୍ବତନ ବିଧାୟକ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ରାଜନୈତିକ ସହଯୋଗୀ ସ୍ୱର୍ଗତ ରବି ଲାବଣ୍ୟ ଧର୍ମଶାଳାର ବିକାଶ ପାଇଁ ଜୀବନର ଶେଷ ପର୍ଯ୍ୟନ୍ତ ଅହରହ ଚେଷ୍ଟା କରି ଆସୁଥିଲେ। ତାଙ୍କରି ଚେଷ୍ଟାରେ ଜାରକା ଫ୍ଲାଇଓଭର ବ୍ରିଜ୍ ନିର୍ମାଣ, ଜାରକା ଠାରେ ସହକାରୀ ହସ୍ତଶିଳ୍ପ କାର୍ଯ୍ୟାଳୟ ପ୍ରତିଷ୍ଠା, ଜଳ ସେଚନ ବିଭାଗ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବନ୍ଦ କରିବା, ଲାଙ୍ଗୁଡି, ଗଲଗଲି, ଶଙ୍ଖ ସମେତ ଏକାଧିକ ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ସହିତ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଆଦି ସମସ୍ୟାର ସମାଧାନ ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା। ତାଙ୍କ ଜୀବିତ ଅବସ୍ଥାରେ ଉନ୍ନୟନ ମୂଳକ କାର୍ଯ୍ୟ ମଞ୍ଜୁର ହୋଇଥିଲେ ମଧ୍ୟ ସେ ସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟକି ଜାରକା ତଥା ଆଖପାଖ ଅଞ୍ଚଳରେ ଶ୍ମଶାନ ନଥିବାରୁ ଆରାଧ୍ୟଦେବତା ପ୍ରଭୁ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବାକୁ ଶ୍ରୀ ଲାବଣ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଦୁଇ ବର୍ଷ ପୂର୍ବେ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଏଥିପାଇଁ ଅଢେଇ ଏକର ଜମି ଯୋଗାଇଦେବା ସହିତ ଏହାର ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଧର୍ମଶାଳା ବିଡିଓଙ୍କୁ ଗତ ତା.୧୭.୦୭.୨୦୨୩ ରେ ଯାଜପୁର ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜାଣିବାକୁ ମିଳିଛି। ସେହିପରି ଜାରକା ବସ୍ଷ୍ଟାଣ୍ଡ ଫ୍ଲାଇଓଭର ବ୍ରିଜ ନିକଟରେ ବସ୍‌ରେ ଯିବା ପାଇଁ ଯାତ୍ରୀମାନେ ଖରାବର୍ଷାରେ ଖୋଲା ଆକାଶ ତଳେ ଠିଆହୋଇ ଅପେକ୍ଷା କରି ରହୁଥିବାରୁ ସେଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସ୍ୱର୍ଗତ ଲାବଣ୍ୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଜାରକା ଫ୍ଲାଇଓଭର ବ୍ରିଜର ଦୁଇ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ତା.୦୧.୦୬.୨୦୨୩ ରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର କରିଥିଲେ ମଧ୍ୟ ଏ ଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ସେହିପରି ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ମହିଳା କାରିଗର ମାନେ ଦୀର୍ଘଦିନ ଧରି ଚାନ୍ଦୁଆ ତିଆରି କରି ଆସୁଥିବା ବେଳେ ଏହି କାରିଗର ମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ସହିତ ଭିତ୍ତିଭୂମି ସୁଦୃଢ଼ କରିବାକୁ ଏଠାରେ ଏକ ସିଏଫ୍‌ସି ପ୍ରତିଷ୍ଠା କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସିଏଫ୍‌ସି ପ୍ରତିଷ୍ଠା କରିବା ନେଇ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଯାଜପୁରଙ୍କ ନିକଟଙ୍କୁ ନିର୍ଦ୍ଦେଶ ଆସିଥିବା ବେଳେ ଏ ନେଇ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପତ୍ର ଆସିଥିଲା। ଏ ନେଇ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ସରଜମିନ ତଦନ୍ତ ଶେଷ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଏହି ସିଏଫ୍‌ସି ପ୍ରତିଷ୍ଠା କାର୍ଯ୍ୟ ନେଇ କୌଣସି ସୂଚନା ମିଳିନାହିଁ। ସେହିପରି ଜାରକାକୁ ଏନ୍‌ଏସି ଘୋଷଣା କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ୨୦୨୦ରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ତା.୦୮.୦୧.୨୦୨୧ ପତ୍ର ସଂଖ୍ୟା ୪୬୮ରେ ଆବଶ୍ୟକ କାଗଜପତ୍ର ଯୋଗାଡ କରିବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟକୁ ପତ୍ର ଆସିଥିଲେ ମଧ୍ୟ ଏହି କାର୍ଯ୍ୟ ଆଗେଇ ପାରିନାହିଁ। ସ୍ୱର୍ଗତ ଲାବଣ୍ୟଙ୍କର ଗତ ଅକ୍ଟୋବର ୩୦ରେ ଆକସ୍ମିକ ବିୟୋଗ ହୋଇଯାଇଥିବା ବେଳେ ତାଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଗତ ଅଗଷ୍ଟ ମାସରେ ସାକ୍ଷାତ କରି ଅନୁରୋଧ କରିଥିବା ବେଳେ ସେ ଏହି କାର୍ଯ୍ୟ ସେପ୍ଟେମ୍ବର ୧୫ ସୁଦ୍ଧା ଆରମ୍ଭ ହେବ ବୋଲି ସ୍ୱର୍ଗତ ଲାବଣ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଲୋଚନା ସମୟରେ ଉପସ୍ଥିତ ଥିବା ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ସହିତ ମଞ୍ଜୁର ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ବାପାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଧର୍ମଶାଳାବାସୀ ଆଗେଇ ନେବେ ବୋଲି ସ୍ୱର୍ଗତ ଲାବଣ୍ୟଙ୍କର ଦୁଇପୁତ୍ର ଆଶା ପୋଷଣ କରିଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୫ | ୪ବୃଚ | ରା୩ / ଶୁ୨ |
| ୭ | ୧ / ୧ | ୨ଲ |
| ୮ / ବୁ୯ | ୧୦ | ମ୍ବ୧୨ / ୦୧୧ / ବୃ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୧୮।୧।୨୦୨୪, ମାଘ ଦି୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୪୬** **ଚନ୍ଦ୍ରୋଦୟ- ଦିଘ୧୧।୨୭।୧୨**


ଅଷ୍ଟମୀ- ରାଘ ୮।୪୬ ପର୍ଯ୍ୟନ୍ତ। ଅଶ୍ୱିନୀ ନକ୍ଷତ୍ର - ରାଘ ୨।୫୮ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର - ଦ୬୦ଣ୍ଡ। **ଚନ୍ଦ୍ର ଶୁଦ୍ଧି -** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶି। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୮।୪୬ ଗତେ ଲାଉ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ ଦିଘ ୧୦।୫୧ ଗତେ ଘ ୧।୦୩ ମଧ୍ୟେ।




**ମେଷ:** ଅଟକି ରହିଥିା କାମ ଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆବଶ୍ୟକତା ଠାରୁ ଅତ୍ୟଧିକ ଆୟ ହେବ। ପରିବାରରେ ଅଯଥା କଳହ ସୃଷ୍ଟି ଓ ପରେ ପଶ୍ଚାତାପର ଆଶଙ୍କା ମଧ୍ୟ ରହିଛି।




**ବୃଷ:** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଦେଖାଦେବ। ଅହଂକାର ଦେଖାଦେବ। କାରବାରରେ ଲାଭବାନ୍ ହେବେ। ଆଳସ୍ୟ ପରାୟଣ ହେବେ। ପାରିବାରିକ ଶାନ୍ତି ଲାଭ ହେବ।



**ମିଥୁନ:** ପାରିବାରିକ ସମସ୍ୟାର ସମାଧାନ ଘଟିବାର ସମ୍ଭାବନା। ଦୂରଯାତ୍ରା କରି ଆନନ୍ଦ ପ୍ରାପ୍ତ ହେବ। ଆହାରେ ତୃପ୍ତି। ରୋଜଗାରରେ ଶିଥିଳତା। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ସୁଖ ଓ ସମ୍ମାନ ପ୍ରାପ୍ତ ହେବ।



**କର୍କଟ:** ଆଳସ୍ୟ ଓ ଅବହେଳା ଯୋଗୁ ସମସ୍ତ କାର୍ଯ୍ୟ ହାତରୁ ଚାଲିଯିବ। ଆଗପଛ ବିଚାର କରି କାର୍ଯ୍ୟ କରନ୍ତୁ। ବନ୍ଧୁ ମିଳନ ସହିତ ସୁସମ୍ବାଦ ପ୍ରାପ୍ତିର ସୂଚନା। ଆୟ ବ୍ୟୟ ସମାନ ରହିବ। ପରିବାରରେ ଶାନ୍ତି ପ୍ରତିଷ୍ଠା।




**ସିଂହ:** ଆତ୍ମୀୟ ସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ସମ୍ପାଦନ ହେବ। ରୋଜଗାର ମଧ୍ୟମ ହେବ।



**କନ୍ୟା:** ରୋଜଗାରରେ ବାଧା। କାର୍ଯ୍ୟ କ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା। ପାରିବାରିକ ଶାନ୍ତି ଅନୁଭବ କରିବେ। ଅପରାହ୍ନେ ସୌନ୍ଦର୍ଯ୍ୟ ପ୍ରାପ୍ତି। ବନ୍ଧୁମାନେ ସୁବିଧାବାଦୀ ଭଳି କାର୍ଯ୍ୟ କରିବେ।



**ତୁଳା:** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଆୟ ଅପେକ୍ଷା ବ୍ୟୟ କମିବ। ଉତ୍ତମ ଭୋଜନ ପ୍ରାପ୍ତି। ଶୁଭ କାର୍ଯ୍ୟରେ ଯୋଗ ଦେବାର ସମ୍ଭାବନା। ନିଜ ଲୋକଙ୍କ ଠାରୁ ଆସ୍ଥା ହରାଇବାର ସମ୍ଭାବନା।



**ବିଛା:** ସମସ୍ୟା ଗୁଡ଼ିକର ସରଳ ସମାଧାନ କରିବେ। ଆପଣଙ୍କର ଦୁଃଖ ବନ୍ଧୁ ବୁଝିବେ। ଦୂରଯାତ୍ରା କରିବାର ସମ୍ଭାବନା ରହିଛି। ଆୟ ବ୍ୟୟ ପ୍ରାୟ ସମାନ ରହିବ। ପରିବାରରେ ସୁଖ ଶାନ୍ତି ଆନନ୍ଦ ପ୍ରତିଷ୍ଠା ହେବାର ସମ୍ଭାବନା।




**ଧନୁ:** କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ହଠାତ୍ ଦୂରଯାତ୍ରା କରିବାର ସମ୍ଭାବନା। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି। କର୍ମକ୍ଷେତ୍ରରେ ଅଗ୍ରଗତିର ସମ୍ଭାବନା। ଗୃହେ କଳହ।



**ମକର:** କର୍ମକ୍ଷେତ୍ରରେ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ହେବ। ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିବାର ସମ୍ଭାବନା। ବନ୍ଧୁ ବାନ୍ଧବଙ୍କ ପରାମର୍ଶ ଗ୍ରହଣ କରିବେ। ଠକାମିର ଶିକାର ହେବେ। ରୋଜଗାରରେ ଉନ୍ନତି।



**କୁମ୍ଭ:** ନିଜର ଆଧିପତ୍ୟ ଜାହିର କରିବେ। ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆୟ ବ୍ୟୟ ପ୍ରାୟ ସମାନ ରହିବ। କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିବେ। ପାରିବାରିକ ଶାନ୍ତି ଲାଭ ହେବ। ଦିନଟି ଭଲରେ ବିତିବ।



**ମୀନ:** କେତେକ ଦିଗରୁ ଚାପ ପ୍ରୟୋଗ ହୋଇପାରେ। ତଥାପି ଆପଣ ଭଲରେ ନିଜର କର୍ମ ସମ୍ପାଦାନ କରି ଉଚ୍ଚ ଚିନ୍ତା ଧରି କଳ୍ପନା ରାଇଜରେ ଘୁରି ବୁଲିବେ। ଆୟ ମଧ୍ୟମ ହେବ। ଗୃହେ ଅଶାନ୍ତି।

## ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ:ଧାରଣା ଦେବା ପୂର୍ବରୁ ଆଇନ୍‌ଜୀବୀଙ୍କୁ ଉଠାଇନେଲା ପୋଲିସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟକୁ ନେଇ ସକାଳ ୧୦ଟା ବେଳେ ବିଏମ୍‌ସି କମିଶନରଙ୍କ କ୍ୱାର୍ଟର ସମ୍ମୁଖରେ ଧାରଣା ଦେବାକୁ ଯାଇଥିଲେ ବରିଷ୍ଠ ଆଇନ୍‌ଜୀବୀ ମନୋଜ ପଟ୍ଟନାୟକ। କିନ୍ତୁ ତାଙ୍କୁ ସେଠାରେ ପୋଲିସ ଧାରଣାରେ ବସିବାକୁ ଦେଇନଥିଲା। ଆଇନ୍‌ଜୀବୀ ମନୋଜ ଧାରଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଟାଉନ୍ ଥାନା ପୋଲିସ ସେଠାରେ ପହଞ୍ଚି ସାରିଥିଲା। ତୁରନ୍ତ ତାଙ୍କୁ ଥାନାକୁ ନେଇ ଯାଇଥିଲା। ଦାବି ମୁତାବକ, ପଦକ୍ଷେପ ନେବେ ବୋଲି କୁଆଡ଼େ ଆଇଆଇସି ଜରିଆରେ କମିଶନର ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ଘଣ୍ଟାଏ କାଳ ଥାନାରେ ଅଟକ ରଖିବା ପରେ ଶ୍ରୀ ପଟ୍ଟନାୟକଙ୍କୁ ପୋଲିସ ଛାଡ଼ି ଦେଇଥିଲା। ଯଦି କମିଶନର ପ୍ରତିଶ୍ରୁତି ପାଳନ ନ କରନ୍ତି, ପୁଣିଥରେ ସେ ଧାରଣା ଦେବେ ବୋଲି କହିଛନ୍ତି। କୁକୁର ବନ୍ଧ୍ୟାକରଣ ହେଉନଥିବାରୁ ସହରରେ ସେମାନଙ୍କ ଅହେତୁକ ବଂଶବୃଦ୍ଧି ଘଟୁଛି। ପ୍ରତି ସାହି ଗଳିରେ ବୁଲା କୁକୁରଙ୍କ ଉପଦ୍ରବ ବଢ଼ିଥିବା ବେଳେ ସହରବାସୀ ହନ୍ତସନ୍ତ ହେଉଛନ୍ତି। କୁକୁର କାମୁଡ଼ାର ଶିକାର ହେବା ସହ ବହୁ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ କୁକୁର ବନ୍ଧ୍ୟାକରଣ ପାଇଁ ତ୍ୱରିତ୍ ପଦକ୍ଷେପ ନେବାକୁ ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ପଟ୍ଟନାୟକ କିଛି ଦିନ ତଳେ ବିଏମ୍‌ସି କମିଶନରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ପରେ କମିଶନରଙ୍କ ଘର ସମ୍ମୁଖରେ ଧାରଣା ଦେବେ ବୋଲି ଅବଗତ କରାଇଥିଲେ।

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008





ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୪୯ • ୧୮ ଜାନୁଆରୀ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -30 • Issue-349 • 18th January 2024, Thursday • Bhubaneswar | Licensed to post without pre-payment of postage No- BN-60/22-24

## ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ ପରିକ୍ରମା

# ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

**ପୁରୀ, ୧୭।୧ : ନ୍ୟୁଜ୍ ବ୍ୟୁରୋ**

ସ୍ୱପ୍ନ ବାସ୍ତବ ରୂପରେ ପରିଣତ ହୋଇଛି । ପୁରୀକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖି ଥିବା ସ୍ୱପ୍ନ ଆଜି ପୂରଣ ହୋଇଛି । ଶ୍ରୀକ୍ଷେତ୍ରର ଐତିହ୍ୟରେ ଯୋଡି ହୋଇଛି ନୂଆ ଫର୍ଦ୍ଦ । ବିଶ୍ୱ ଦେଖୁଛି ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟ ରୂପ । ବହୁ ପ୍ରତୀକ୍ଷିତ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପିତ କରିଛନ୍ତି ।

ପୌଷ ଶୁକ୍ଳ ସପ୍ତମୀ ସମୟ ଅପରାହ୍ନ ଗୋଟାଏ ୧୫ ରୁ ସାଢ଼େ ଗୋଟାଏ ମଧ୍ୟରେ ବିଶ୍ୱ ଦେଖିଛି କୋଟି କୈବଲ୍ୟଙ୍କ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ । ଶୁଭଲଗ୍ନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରିଛନ୍ତି । ଲୋକାର୍ପଣ ଫଳକରେ ନଡ଼ିଆ ପିଟି ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ । ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ । ପୂର୍ଣ୍ଣାହୁତି ବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଶ୍ରୋତ୍ରୀୟବ୍ରାହ୍ମଣଙ୍କ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଶ୍ରୀକ୍ଷେତ୍ର । ଜୟ ଜଗନ୍ନାଥ ଧ୍ୱନୀରେ ମୁଖରିତ ହୋଇଉଠିଥିଲା ଖଣ୍ଡମଣ୍ଡଳ । ଭକ୍ତଙ୍କର ଭକ୍ତିରେ ଭିଜିଥିଲା ଶ୍ରୀକ୍ଷେତ୍ର । ଆବାଳବୃଦ୍ଧବନିତା ଦେଖିଥିଲେ ବିଶ୍ୱ ନିୟନ୍ତାଙ୍କ ଏହି ଅପରୂପ ସୌନ୍ଦର୍ଯ୍ୟ । ତାହା ସହ ଜଡିତ ହୋଇଯାଇଥିଲା ବିଶ୍ୱ ଐତିହ୍ୟ ମାନଚିତ୍ରରେ ଶ୍ରୀ କ୍ଷେତ୍ରର ନୂଆ ଇତିହାସ । ଭାବ, ଭକ୍ତିର ସହ ବିଶ୍ୱ ଦେଖିଲା ବିଶ୍ୱ ନିୟନ୍ତାଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ସାରା ବିଶ୍ୱ ଜଗନ୍ନାଥମୟ ହୋଇ ଉଠିଥିଲା । ଶ୍ରୀ କ୍ଷେତ୍ର ଦେଖି ଭକ୍ତ ବିମୋହିତ ହୋଇଥିଲେ । ଚାରିଆଡ଼େ ଘଣ୍ଟ, ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା ସାରା ମର୍ତ୍ତ୍ୟମଣ୍ଡଳ । ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟରେ ସମାପନ ହୋଇଯାଇଛି ପୁରୀ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ । ଏହି ପରିକ୍ରମା ପ୍ରକଳ୍ପକୁ ବିଶ୍ୱ ସବୁଦିନ ପାଇଁ ମନେ ରଖିବ । ତା ସହ ରାଜ୍ୟ ସରକାରଙ୍କ ଉଦ୍ୟମ ଓ କଠିନ ପରିଶ୍ରମର ମିଠା ଫଳ ପ୍ରାପ୍ତି ହୋଇଛି । ଶ୍ରୀ କ୍ଷେତ୍ରର ଶ୍ରୀ ବଢ଼ିଛି ନବୀନ ଇତିହାସ ରଚାଯାଇଛି ।



# ପରିକ୍ରମା ମାର୍ଗରେ ବୁଲିଲେ ମୁଖ୍ୟମନ୍ତ୍ରୀ



**ପୁରୀ, ୧୭।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ଚାରିପାଖରେ ପ୍ରଦକ୍ଷିଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପରିକ୍ରମା ମାର୍ଗରେ ଦୀର୍ଘ ୧ କିଲୋମିଟରରୁ ଅଧିକ ବାଟ ଚାଲିଲେ । ଅରୁଣସ୍ତମ୍ଭ ନିକଟରେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ସହ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ, ୫-ଟି ଅଧ୍ୟକ୍ଷଙ୍କ ସମେତ ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ସେବାୟତମାନେ ମଧ୍ୟ ରହିଥିଲେ । ଜଗନ୍ନାଥ ଭାବ ପ୍ରେମରେ ନିମଗ୍ନ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଆଖିରୁ ଭାବର ଲୁହ ବୋହି ଆସିଥିବା ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ଐତିହାସିକ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ । ପରିକ୍ରମା ଫଳକକୁ ଉନ୍ମୋଚନ ମଧ୍ୟ କରିଥିଲେ । ଫଳକ ଉନ୍ମୋଚନ ସହ ପୂରଣ ହୋଇଛି ଦୀର୍ଘ ଶତାବ୍ଦୀର ଆଶା ଆକାଂକ୍ଷା । ଏହି ପ୍ରକଳ୍ପ ଏବେ ଶ୍ରୀଜୀଉଙ୍କ ଦର୍ଶନର ଦେବ ଅନନ୍ୟ ଅନୁଭୂତି ।

୩ ଦିନର ମହାଯଜ୍ଞ ପରେ ଲୋକାର୍ପିତ ହୋଇଛି ପରିକ୍ରମା ପ୍ରକଳ୍ପ । ପୌଷ ସପ୍ତମୀରେ ଲେଖାଯାଇଛି ନୂଆ ଅଧ୍ୟାୟ । ଏଥିସହ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି ପରିକ୍ରମା ମାର୍ଗ । ଏହାଦ୍ୱାରା ଜଗନ୍ନାଥ (ପୃଷ୍ଠା ୭ରେ)

## ନିର୍ବାଚନରେ ବ୍ୟବହାର ହେବନି ଏଆଇ

**ନୂଆଦିଲ୍ଲୀ, ୧୭।୧**

ନିର୍ବାଚନରେ ବ୍ୟବହାର ହେବନାହିଁ ଆରଟିଫିସିଆଲ ଇଣ୍ଟେଲିଜେନ୍ସ । ଭାରତରେ ହେବାକୁ ଥିବା ୨୦୨୪ ଲୋକସଭା ନିର୍ବାଚନରେ ଓପନଏଆଇକୁ ବ୍ୟବହାର କରିବାକୁ ଦେବ ନାହିଁ ଆମେରିକାର ଆରଟିଫିସିଆଲ ଇଣ୍ଟେଲିଜେନ୍ସ ରିସର୍ଚ୍ଚ ସଂଗଠନ । କମ୍ପାନୀ ପକ୍ଷରୁ ଏନେଇ ଏହି ସୂଚନା ଦିଆଯାଇଛି । ନିର୍ବାଚନ ନିରପେକ୍ଷ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ଏଥିସହ କମ୍ପାନୀ ଏଭଳି ନୂଆ ଉପକରଣ ଆଣିବାକୁ ଯାଉଛି ଯେଉଁଥିରେ ଡିପଫେକ୍ ଭିଡିଓ ଓ ଫଟୋ ଏବଂ ମିଥ୍ୟା ଖବରକୁ ସହଜରେ ରୋକାଯାଇପାରିବ ।

ଓପନଏଆଇର କହିବାନୁଯାୟୀ, ୟୁଜର୍ସମାନେ ଚାଟଜିପିଟି (ପୃଷ୍ଠା ୭ରେ)

# ୧୦ ଲକ୍ଷକୁ ବଢ଼ିପାରେ ଆୟୁଷ୍ମାନ ଭାରତ ବୀମାରାଶି
## ବଜେଟ୍‌ରେ ହୋଇପାରେ ଘୋଷଣା

**ନୂଆଦିଲ୍ଲୀ, ୧୭।୧**

ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଲୋକଙ୍କୁ ବଡ଼ ଆଶ୍ୱସ୍ତି ଦେବାକୁ ଯାଉଛନ୍ତି । ମୋଦି ସରକାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାର ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ବର୍ତ୍ତମାନ ଏହି ବୀମା ରାଶି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ପ୍ରକାଶ ଯେ ବୀମାରାଶି ୧୦ ଲକ୍ଷକୁ ବୃଦ୍ଧି ବ୍ୟତୀତ ହିତାଧିକାରୀ ସଂଖ୍ୟା ୧୦୦ କୋଟିକୁ ବୃଦ୍ଧି କରିବା ପାଇଁ ସରକାର (ପୃଷ୍ଠା ୭ରେ)




# ପୁରୀ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇଛି ଏଆଇ
## ଅପରାଧୀଙ୍କୁ ଚିହ୍ନଟ ସହ କରାଯିବ ଟ୍ରାକ୍

**ପୁରୀ, ୧୭।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପୁରୀ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇଛି ଆରଟିଫିସିଆଲ ଇଣ୍ଟେଲିଜେନ୍ସ । ସିସିଟିଭି ସହ ଲିଙ୍କ୍ ହୋଇଛି ଫେସରିଡିଂ ବ୍ୟବସ୍ଥା । ଏଥିରେ ହାର୍ଡକୋର ଅପରାଧୀଙ୍କୁ ଚିହ୍ନଟ କରାଯିବା ସହ ଟ୍ରାକ୍ ମଧ୍ୟ କରାଯିବ । ପୁରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ୮୦ପ୍ଲାଟୁନ ଫୋର୍ସ ସହ ସାଢେ ୩ଶହରୁ ଅଧିକ ପୁଲିସ ଅଧିକାରୀ ନିୟୋଜିତ ହୋଇଥିଲେ । କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ପୁରୀ ଏସ୍‌ପି କନଓ୍ୱର ବିଶାଲ (ପୃଷ୍ଠା ୭ରେ)



TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ଏ ବର୍ଷ ଗଡ଼ିବ ୬୦ ନୂଆ ବନ୍ଦେ ଭାରତ ଟ୍ରେନ୍

**ନୂଆଦିଲ୍ଲୀ, ୧୭।୧**

ଭାରତୀୟ ରେଲଓ୍ୱେକୁ ବନ୍ଦେ ଭାରତ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି । ଗତ କିଛି ବର୍ଷ ମଧ୍ୟରେ ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଲଞ୍ଚ କରାଯାଇଛି । ଅଧିକାଂଶ ରାଜ୍ୟରେ ବନ୍ଦେ ଭାରତ ଟ୍ରେନ ଗଡିବା ଆରମ୍ଭ ହୋଇଛି । ଏହାକୁ ନେଇ ଭାରତୀୟ ରେଲଓ୍ୱେ ଲଗାତାର କାମ କରୁଛି । ୨୦୨୩ରେ ମୋଟ ୩୪ଟି ବନ୍ଦେ ଭାରତକୁ ଲଞ୍ଚ କରାଯାଇଥିଲା ।



ମନିକଣ୍ଟ୍ରୋଲର ରିପୋର୍ଟ ଅନୁସାରେ, ଦ୍ରୁତ ଗତିରେ ବନ୍ଦେ ଭାରତ ବଗି ନିର୍ମାଣ କରାଯାଉଛି । ଚଳିତ ବର୍ଷ (ପୃଷ୍ଠା ୭ରେ)

# ୧୬ ମାସ ପରେ ସେୟାର ବଜାରରେ ଆତଙ୍କ
## ଗୋଟିଏ ଦିନରେ ୧୬ଶହ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ, ୧୭।୧**

ବୁଧବାର ଦିନ ଭାରତୀୟ ସେୟାର ବଜାରରେ ଆତଙ୍କ ସୃଷ୍ଟି ହୋଇଥିଲା । ବିଏସଇ ସେନସେକ୍ସ ଓ ନିଫ୍ଟିରେ ବ୍ୟାପକ ହ୍ରାସ ଯୋଗୁ ନିବେଶକ ବଡ଼ଧରଣର ପୁଞ୍ଜି ହରାଇଛନ୍ତି । ବିଏସ୍‌ଇ ସୂଚକାଙ୍କରେ ୧୬ ମାସର ସବୁଠାରୁ ବଡ଼ ଅବନତି ଦେଖିବାକୁ ମିଳିଛି । ବିଦେଶୀ ବଜାରର ନକାରାତ୍ମକ ସଙ୍କେତ ପ୍ରଭାବରେ ସେନସେକ୍ସ ୧,୬୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି, ଯାହା ୧୬ ମାସରେ ଗୋଟିଏ ଦିନରେ ସର୍ବାଧିକ ହ୍ରାସ ।

ବୁଧବାର ସେନସେକ୍ସ ୧୬୨୮ ପଏଣ୍ଟ ବା ୨.୨୩ ପ୍ରତିଶତ ହ୍ରାସ ସହିତ ୭୧,୫୦୦.୭୬ରେ ବନ୍ଦ (ପୃଷ୍ଠା ୭ରେ)



## ଭାରତ ଏକ ଅସାଧାରଣ ସଫଳତାର କାହାଣୀ
## ଆମେରିକା ବୈଦେଶିକ ସଚିବ ବ୍ଲିଙ୍କେନ୍

**ଡାଭୋସ୍, ୧୭।୧**

ଭାରତକୁ ଏକ ଅସାଧାରଣ ସଫଳତାର କାହାଣୀ ବୋଲି ବର୍ଣ୍ଣନା କରି ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ ବୁଧବାର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଏବଂ କାର୍ଯ୍ୟକ୍ରମ ଭାରତ-ବାସୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇଛି । ବିଶ୍ୱ ଅର୍ଥନୈତିକ ଫୋରମ୍'ର ବାର୍ଷିକ ବୈଠକ ୨୦୨୪ରେ ଯୋଗଦେଇ ସେ ଏହା ମଧ୍ୟ କହିଛନ୍ତି ଯେ (ପୃଷ୍ଠା ୭ରେ)

## ଏକାଳ ସକାଳ



ଦଳ ଡିଆଁକୁ ଘର ବାହୁଡା
ଆଙ୍କର ପୁରୁଣା ଅଭ୍ୟାସ
ଘାଟ ଘାଟର ପାଣି ପିଇ ପିଇ
ସପରିବାରେ ପ୍ରବେଶ
ଭାଗ୍ୟର କି ଅଛି ନିର୍ଦ୍ଦେଶ
କେଜାଣି କେମିତି ମିଶି ଯାଉଛନ୍ତି
କଳାକୌଶଳକକୁ ସାବାସ୍ ।

# ଚାଇନା ଭାଇରସ୍ : ବିଶ୍ୱକୁ ପୁଣି ବିପଦରେ ପକାଇବ



**ବେଜିଂ, ୧୭।୧**

ସମଗ୍ର ବିଶ୍ୱରେ ୩ ବର୍ଷ ପୂର୍ବେ ତଥା ୨୦୨୦ରେ କରୋନା ପରି ଏକ ବିପଜ୍ଜନକ ରୋଗ ନିଦ ହଜାଇ ଦେଇଥିଲା । ଏହି କାରଣରୁ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ମଧ୍ୟ ଯାଇଥିଲା । ସମଗ୍ର ବିଶ୍ୱ ଚାଇନାକୁ କରୋନା ରୋଗ ପାଇଁ ଦାୟୀ କରିଥିଲା, କାରଣ ଏହି ଜୀବାଣୁ ଚାଇନାର ଉହାନ ଲ୍ୟାବ୍‌ରୁ ଉତ୍ପନ୍ନ ହୋଇଥିଲା । ତେବେ ଚାଇନା ପୁଣି ଥରେ ସମଗ୍ର ବିଶ୍ୱକୁ କରୋନା ପରି ମହାମାରୀରେ ଶିକାର କରିପାରେ ।

ଜାନୁଆରୀ ୩ରେ ବାୟୋ ରେକ୍ସିଭ ଓ୍ୱେବ୍‌ସାଇଟ୍‌ରେ ପ୍ରକାଶିତ ଏକ ସାଧାରଣ ରିପୋର୍ଟ ଅନୁଯାୟୀ ଚାଇନା ଏକ ନୂତନ ମାରାତ୍ମକ କୋଭିଡ ଭଳି ଜୀବାଣୁ ଉପରେ ପରୀକ୍ଷା କରୁଛି । ଏହି ଦାବି ଏକ ପ୍ରି-ପେପର ସମୀକ୍ଷା ହୋଇଥିବା ପତ୍ରିକାରେ କରାଯାଇଛି । ଚାଇନା ସେନାର ତାଲିମପ୍ରାପ୍ତ ଡାକ୍ତର ତଥାକଥିତ ପାଙ୍ଗୋଲିନ କରୋନା ଭାଇରସ ନାମକ ଏକ ନୂତନ ପ୍ରକାର ପ୍ରସ୍ତୁତ କରିଛନ୍ତି ବୋଲି ସେ ଦାବି କରିଛନ୍ତି ।

ଚାଇନା ସୈନ୍ୟବାହିନୀର ତାଲିମପ୍ରାପ୍ତ ଡାକ୍ତରଙ୍କ ଏକ ଦଳ ପାଙ୍ଗୋଲିନ କରୋନା ଭାଇରସ ଭାରିଆଣ୍ଟର ପ୍ରୟୋଗ ମୂଷା ଉପରେ କରିଛି । ସେ ଦେଖିବାକୁ ଚେଷ୍ଟା କରିଛନ୍ତି ଯେ ପାଙ୍ଗୋଲିନ କରୋନାଭାଇରସ କିପରି ମୂଷା ଉପରେ ପ୍ରଭାବ ପକାଇଥାଏ । ଏହା ପରେ ଚାରିଟି ମୂଷାଙ୍କୁ ଆକ୍ଟିଭେଟ (ପୃଷ୍ଠା ୭ରେ)

# ସାଧାରଣ ନିର୍ବାଚନ ପୂର୍ବରୁ ଖୁସି ଖବର
## କମିବ ପେଟ୍ରୋଲ ଡିଜେଲ ଦର

**ନୂଆଦିଲ୍ଲୀ, ୧୭।୧**

ସାଧାରଣ ଜନତାଙ୍କ ପାଇଁ ଖୁସି ଖବର । ନିର୍ବାଚନ ପୂର୍ବରୁ ମହଙ୍ଗା ମାଡ ହେବ ନିୟନ୍ତ୍ରଣ । ତୈଳ କମ୍ପାନୀ ଫେବୃଆରୀରେ ପଟ୍ରୋଲ ଡିଜେଲ ଦର ଶସ୍ତା କରିବେ । ଲିଟର ପିଛା ୧୦ ଟଙ୍କା କମ୍ କରିବାକୁ ବିଚାର କରାଯାଉଛି । ତୃତୀୟ ତ୍ରୟମାସରେ ତୈଳ କମ୍ପାନୀକୁ ୭୫ ହଜାର କୋଟି ଟଙ୍କା ଲାଭ ହେବ ବୋଲି ଆଶା କରାଯାଉଛି । ଯେଉଁ କାରଣରୁ ସରକାର ତୈଳ କମ୍ପାନୀଙ୍କୁ ପଟ୍ରେଲ ଡିଜେଲ ଦର କମ୍ କରିବାକୁ ଚାପ ପକାଇ ପାରନ୍ତି ।

ଗତ ଏପ୍ରିଲ ୨୦୨୨ରୁ ପେଟ୍ରୋଲ ଓ ଡିଜେଲ ଦର ସରକାର ଅପରବର୍ତ୍ତିତ ରଖିଛନ୍ତି । ଗତ ମେ' ମାସରେ କେନ୍ଦ୍ର ସରକାର ଟ୍ୟାକ୍ସ କମ କରିଥିଲେ । ଏହାପରେ ତୈଳଦର କମ ହୋଇଥିଲା ।



ରିପୋର୍ଟ ମୁତାବକ ତୈଳ ଦର ବିକ୍ରିରେ ହାଇ ମାର୍କେଟିଂ ମାର୍ଜିନ କାରଣରୁ ତିନି ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ (ପୃଷ୍ଠା ୭ରେ)

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ଜାନୁଆରୀ ୨୦୨୪ ଗୁରୁବାର





# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ସମୟାନୁସାରୀ ପଦକ୍ଷେପ

ଇତିହାସ ଓ ପରମ୍ପରା ଦୃଷ୍ଟିରୁ ପୁରୀ ଶ୍ରୀମନ୍ଦିରର ତାତ୍ପର୍ଯ୍ୟ ବିଶ୍ୱବିଦିତ । ମନ୍ଦିରର ଉତ୍କୃଷ୍ଟ କାରୁକାର୍ଯ୍ୟ ବାସ୍ତବିକ ଭବ୍ୟତାପୂର୍ଣ୍ଣ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି କରିବା ସହ ଶ୍ରୀମନ୍ଦିରର ସମୃଦ୍ଧ ଐତିହ୍ୟକୁ ସୁରକ୍ଷା ଦେବା ଉପରେ କେନ୍ଦ୍ରିତ । ଶ୍ରୀକ୍ଷେତ୍ର ପୁରୀର ନବକଳେବର ପରେ ଏହାର ଆଧ୍ୟାତ୍ମିକ ଗୁରୁତ୍ୱ ସାଙ୍ଗକୁ ସ୍ୱର୍ଣ୍ଣାଭ ବେଳାଭୂମିର ସୌନ୍ଦର୍ଯ୍ୟ ଦେଶବିଦେଶର ଭକ୍ତ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନଙ୍କୁ ଅଧିକରୁ ଅଧିକତର ଆକୃଷ୍ଟ କରିବାକୁ ସକ୍ଷମ ହେବ। ଶ୍ରୀମନ୍ଦିର ଉପରେ ଅତୀତରେ ଅନେକବାର ଆକ୍ରମଣ ହୋଇଛି । ସେଥିପାଇଁ ମେଘନାଦ ପ୍ରାଚୀର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଜାଗା ଘରର ପରିକଳ୍ପନା କରାଯାଇଥିଲା । ମନ୍ଦିରପରି ଏକ ପବିତ୍ର ସ୍ଥାନରେ ଆଧ୍ୟାତ୍ମିକ ବାତାବରଣ ସହିତ ପାରସ୍ପରିକ ସ୍ନେହ-ସଂପର୍କ ନିବିଡ଼ ହୋଇଥାଏ । ଶ୍ରୀମନ୍ଦିରର ସୁରକ୍ଷା ବଳୟ ଭାବରେ ମେଘନାଦ ପାଚେରୀ କାର୍ଯ୍ୟ କରିଥାଏ । କିନ୍ତୁ ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଲାଗି ବିଭିନ୍ନ କୋଠାମାନ ଥିବାହେତୁ ରାସ୍ତା ସଂକୀର୍ଣ୍ଣ ଥିଲା, ଫଳରେ ମନ୍ଦିରପ୍ରତି କୌଣସି ବିପଦ ଆସିଲେ ସୁରକ୍ଷା ପ୍ରଦାନ କରିବା ଅସମ୍ଭବମନେ ହେଉଥିଲା । ଅପରପକ୍ଷରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ କ୍ରମେ ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ମନ୍ଦିର ଓ ବେଢ଼ା ପରିକ୍ରମା ଅସହଜ ମନେ ହେଉଥିଲା। ସୁନାବେଶ ସମୟରେ ପର୍ଯ୍ୟାପ୍ତ ସ୍ଥାନ ଅଭାବ ଯୋଗୁଁ ଅନେକ ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ସୁବର୍ଣ୍ଣ ଆଭୂଷିତ ବେଶ ଭଲରେ ଦେଖିବାରୁ ବଞ୍ଚିତ ହେଉଥିଲେ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହେଲା ପରେ ଭକ୍ତମାନେ ସୁନାବେଶ ଏବଂ ନୀଳାଦ୍ରିବିଜେ ପରି ସୁବିଦିତ ଉତ୍ସବାନୁଷ୍ଠାନଗୁଡ଼ିକରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଦିବ୍ୟ ଅନୁଭୂତି ଲାଭ କରିପାରିବେ । ସେହିପରି ସଂକୀର୍ତ୍ତନ ମଣ୍ଡଳୀ ଗୁଡ଼ିକ ମଧ୍ୟ ମନ୍ଦିର ବେଢା ପରିକ୍ରମା କରିପାରିବେ।

ଅଷ୍ଟମ ଶତାବ୍ଦୀ ପୂର୍ବରୁ ରଥଯାତ୍ରାର ସୁପରିଚାଳନା ପାଇଁ ପାଖାପାଖି ୧୦୦ ଫୁଟ ଓସାରର ଏକ ସୁଦୀର୍ଘ ଦାଣ୍ଡର ପରିକଳ୍ପନା କରାଯାଇଥିଲା । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହିତ ଶତାଧିକ ନୂତନ ପ୍ରକଳ୍ପ ରାଜ୍ୟ ସରକାର ହାତକୁ ନେଇଛନ୍ତି। ମୋର ମନେହୁଏ ବିଗତ ସାତ ଶତାବ୍ଦୀ ମଧ୍ୟରେ ଏଭଳି କାର୍ଯ୍ୟ ପୁରୀରେ ହୋଇନାହିଁ। ତେଣୁ ଉନ୍ନତିକରଣ ସହ ସମସ୍ତେ ଯୋଡ଼ିହେବା ଉଚିତ। ସମସ୍ତେ ଏକମନ ଏକପ୍ରାଣ ହୋଇ କାମ କଲେ ଓଡ଼ିଶା ନିଶ୍ଚିତ ଭାବରେ ସବୁକ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବ ବୋଲି ଶ୍ରୀ ଜଗନ୍ନାଥଙ୍କର ପ୍ରଥମ ସେବକ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରକାଶ କରିଛନ୍ତି ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଦୁଇଟି ମନ୍ଦିର ଏବଂ ୧୮ଟି ପ୍ରାଚୀନ ମଠ ଥିଲା । ଅନେକ ମଠ ମହାପ୍ରଭୁଙ୍କ ନିୟମିତ ସେବାକାନ୍ତି ସହ ଯୋଡ଼ି ହୋଇଛନ୍ତି । ପ୍ରାଚୀନ ମଠର ବିଜେସ୍ଥଳୀ ଏବଂ ଉପାସିତ ଦେବାଦେବୀଙ୍କୁ ଅପରିବର୍ତ୍ତିତ ରଖାଯାଇ ଏହି ୨୦ଟି ସ୍ଥଳୀର ଉନ୍ନତିକରଣ କରାଯାଇଛି । ସାଧୁ ସନ୍ଥଙ୍କର ଭାବଭକ୍ତିକୁ ରାଜ୍ୟ ସରକାର ସର୍ବଦା ସମ୍ମାନ ଜଣାଇ ଆସିଛନ୍ତି। ଉତ୍କଳର ସର୍ବୋତ୍କୃଷ୍ଟ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଉନ୍ନତିକରଣ ପରେ କୋଠାମାନଙ୍କ ମଧ୍ୟରେ ଲୁଚି ଯାଇଥିବା ଏହି ଐତିହ୍ୟସ୍ଥଳୀ ଓ ପୀଠଗୁଡ଼ିକ ପ୍ରତି ଭକ୍ତମାନଙ୍କ ଆକର୍ଷଣ ବୃଦ୍ଧି ପାଇବ ।

ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସମର୍ପିତ ରାଜ୍ୟ ସରକାର ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଏବଂ ଐତିହ୍ୟକୁ ଅକ୍ଷୁଣ୍ଣ ରଖି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମେଘନାଦ ପାଚେରୀ ଚତୁଃପାର୍ଶ୍ୱରେ ୭୫ ମିଟର ଯାଏଁ ବିଭିନ୍ନ ଅବରୋଧକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।





ସେତେବେଳେ ଶହଶହ ବର୍ଷର ପୁରାତନ ମଠ, ସେବକଙ୍କ ବାସଗୃହ, କୋଠା ବାଡ଼ି ଉଚ୍ଛେଦ କରିବା ସମ୍ଭବ ହୋଇପାରିବ ନାହିଁ ବୋଲି ଅନେକ ଲୋକ ଚିନ୍ତା ବ୍ୟକ୍ତ କରିଥିଲେ । ମହାପ୍ରଭୁଙ୍କ ଆଶୀର୍ବାଦ, ରାଜ୍ୟ ସରକାରଙ୍କ ଅତ୍ୟନ୍ତ ଆକର୍ଷଣୀୟ ଆର୍ଥିକ ଏବଂ ଅନ୍ୟାନ୍ୟ ସହାୟତା, ସର୍ବୋପରି ମଠମହନ୍ତ, ସେବାୟତ ଏବଂ ସ୍ଥାନୀୟ ଜନସାଧାରଣଙ୍କ ତ୍ୟାଗ ଏବଂ ସହଯୋଗ ଫଳରେ ଉଚ୍ଛେଦ କାର୍ଯ୍ୟ ଅଳ୍ପଦିନ ମଧ୍ୟରେ ସମ୍ଭବ ହୋଇଥିଲା । ପୁରୀବାସୀ ବାସ୍ତବରେ ସାଧୁବାଦର ପାତ୍ର।

ମେଘନାଦ ପ୍ରାଚୀରରୁ ୭୫ ମିଟର ଅଞ୍ଚଳ ଉଚ୍ଛେଦ ହୋଇଛି । ସେଥିରୁ ୫୦ ମିଟର ଅର୍ଥାତ୍ ୧୬୪.୪୭୦ ଫୁଟର ମୁକ୍ତ ଅଞ୍ଚଳ। ଏଥିରେ ଯାନବାହନ ଚଳାଚଳ ନିଷେଧ କରାଯାଇଛି । ମେଘନାଦ ପ୍ରାଚୀର ବାହାରେ ଦୁଇଟି ପ୍ରଦକ୍ଷିଣ ପଥ ରହିଛି । ଅନ୍ତଃପ୍ରଦକ୍ଷିଣ ପଥରେ ମହାପ୍ରଭୁ ମୁକ୍ତାକାଶ ତଳେ ଭକ୍ତମାନଙ୍କ ନାମ ସଂକୀର୍ତ୍ତନ ମଧ୍ୟରେ ବିଜେ କରିବେ । ଏହି ପଥର ଚଉଡ଼ା ୩୨ ଫୁଟ ରହିଛି । ତା'ପରେ ୩୦ ଫୁଟ ଚଉଡ଼ାର ଏକ ସବୁଜ ବଳୟ ସୃଷ୍ଟି କରାଯାଇଛି। ଏହାକୁ ଲାଗି ୨୬ ଫୁଟ ଚଉଡ଼ା ବାହ୍ୟପ୍ରଦକ୍ଷିଣ ପଥ ରହିଛି । ଅବଶିଷ୍ଟ ୨୫ ମିଟର (୮୨.୦୨ ଫୁଟ)ର ରାସ୍ତାରେ ସର୍ବସାଧାରଣ ଯାତାୟାତ କରିବେ। ଫଳରେ ମହାପ୍ରଭୁଙ୍କ ବିଶ୍ୱବିଖ୍ୟାତ ଘୋଷଯାତ୍ରା କରିବା କଷ୍ଟକର ହେବ ନାହିଁ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ '୫-ଟି' ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ସମୟାନୁସାରୀ ପରାମର୍ଶ କ୍ରମେ ଶ୍ରୀମନ୍ଦିରର ଉନ୍ନତିକରଣ ଏବଂ ଶ୍ରୀକ୍ଷେତ୍ରର ନବକଳେବର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିଲା। । ୨୦୧୯ ମସିହାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଥିଲା । ୨୦୨୧ ନଭେମ୍ବର ମାସ ୨୪ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପର ଶିଳାନ୍ୟାସ ଦିନଟି ଥିଲା ପ୍ରତି ଓଡ଼ିଆ ତଥା ଜଗନ୍ନାଥପ୍ରେମୀଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ ଦିବସ । ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତ ଦୀର୍ଘମିଆଦୀ ରୋଡମ୍ୟାପ ବାସ୍ତବ ରୂପ ନେଇଛି । ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପରେ ବର୍ଷତମାମ୍ ଦେଶ ବିଦେଶର ଭକ୍ତ ଏବଂ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଶ୍ରୀକ୍ଷେତ୍ର ପୁରୀ ।

# ମନଛୁଆଁ ହେବ ମହୋଦଧି ସ୍ନାନ

- ଦିଗବାରେଣୀରୁ ଷ୍ଟର୍ଲିନ୍ ବେଳାଭୂମିର ବିକାଶ
- ଗୋଟିଏ ସ୍ଥାନରେ ବସିବେ ବ୍ୟବସାୟୀ
- ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ
- ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚଲାପଥ



ଦେଶର ଚାରିଧାମ ମଧ୍ୟରୁ ଅନ୍ୟତମ ପୁରୁଷୋତ୍ତମ କ୍ଷେତ୍ର ତଥା ଜଗନ୍ନାଥ ଧାମ। ଏଠାରେ ଭାବବିନୋଦିଆଙ୍କୁ ଦର୍ଶନ କରିବା ପାଇଁ ବିଶ୍ୱ ବ୍ରହ୍ମାଣ୍ଡରୁ ଭକ୍ତଙ୍କ ସୁଅ ଅହରହ ଛୁଟିଥାଏ। ଏହି ଧାମର ବିଶେଷ ଆକର୍ଷଣ ହେଉଛି, କାଳିଆ ସାଆନ୍ତଙ୍କୁ ଦର୍ଶନ ସାଙ୍ଗକୁ ମହୋଦଧିରେ ସ୍ନାନ। ଏଥିପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଦୂରଦୂରାନ୍ତରୁ ଦୌଡ଼ି ଆସନ୍ତି। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ମହୋଦଧିରେ ସ୍ନାନ ସହ ବେଳାଭୂମିରେ ସମୟ ଅତିବାହିତ କରିବା ପାଇଁ ରାଜ୍ୟ ସରକାର ଏକାଧିକ ପ୍ରକଳ୍ପ କାମ ହାତକୁ ନେଇଥିଲେ। ସେଥିମଧ୍ୟରୁ କେତେଗୁଡ଼ିଏ ପୂର୍ଣ୍ଣରୂପ ପାଇ ସାରିଛି। ସେହିଭଳି ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ହେଉଛି ଦିଗବାରେଣୀ ଛକରୁ ଷ୍ଟର୍ଲିନ୍ ହୋଟେଲ ପର୍ଯ୍ୟନ୍ତ ବେଳାଭୂମିର ସୌନ୍ଦର୍ଯ୍ୟୀକରଣ। ଏଥିପାଇଁ ୧୦୨କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଚଳିତବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ସମସ୍ତ କାମ ଶେଷ ହେବ ବୋଲି ଜଣାପଡ଼ିଛି।

ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ରୂପରେଖ ଅନୁସାରେ, ସଂପୂର୍ଣ୍ଣ ବେଳାଭୂମିର ନବକଳେବର ହୋଇଛି। ଏହାସହ ବେଳାମାର୍ଗର ମଧ୍ୟ ସୌନ୍ଦର୍ଯ୍ୟୀକରଣ କରାଯାଇଛି। ତିନୋଟି ବିସ୍ତୃତ ପାର୍କିଂ ଅଞ୍ଚଳର ଉନ୍ନତୀକରଣ ସହ ପୁରୀ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ବିଚ୍ ସଦୃଶ ଉନ୍ନତି କରାଯାଇଛି। ଦିଗବାରେଣୀ ଛକଠାରୁ ଷ୍ଟର୍ଲିନ ଛକ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ୪ କିଲୋମିଟର ବେଳାମାର୍ଗ ଓ ବେଳାଭୂମିର ସୌନ୍ଦର୍ଯ୍ୟୀକରଣ ଓ ଉନ୍ନତୀକରଣ କରାଯାଇଛି। ପର୍ଯ୍ୟଟକମାନେ ଏହି ବେଳାଭୂମିକୁ ଆସିଲେ, ଯେପରି ମଧୁର ଅନୁଭୂତି ନେଇ ଫେରିବେ, ତା' ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି।

ଦିଗବାରେଣୀ ଛକ ବେଳାଭୂମିରେ ସବୁବେଳେ ଜନସମାଗମ ଦେଖିବାକୁ ମିଳେ। ଏହି ସ୍ଥାନକୁ ଆସିବା ପାଇଁ ଆଚାର୍ଯ୍ୟ ହରିହର ଛକଠାରୁ ଦିଗବାରେଣୀ ରାସ୍ତା ଅପେକ୍ଷାକୃତ ଅଣଓସାରିଆ ଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଅଧିକାଂଶ ସମୟରେ ଉତ୍କଟ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ଏହି ରାସ୍ତାକୁ ସଂପ୍ରସାରଣ କରାଯାଇଛି। ଆଚାର୍ଯ୍ୟ ହରିହର ଗୋଲେଇ ଛକ ପ୍ରଶସ୍ତ କରିବା ପାଇଁ ପୌରପାଳିକାର କିଛି ଜାଗାକୁ ବିନିଯୋଗ କରାଯାଇଛି। ସେହିଭଳି କାର୍, ବାଇକ୍ ଓ ବିଭିନ୍ନ ଗାଡ଼ି ମଧ୍ୟରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ଏମାନଙ୍କ ନାଲି ପଡ଼ିଆରେ ପାର୍କିଂ ସୁବିଧା ରହିଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ଅଧିକାଂଶ ସମୟରେ ଗାଡ଼ି ନେଇ ଲୋକମାନେ ରାସ୍ତା କଡ଼ରେ ରଖୁଥିଲେ। ଫଳରେ ରାସ୍ତା ଜାମ୍ ଭଳି ସ୍ଥିତି ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ଦିଗବାରେଣୀ ଛକ ନିକଟରେ ଥିବା ପୁରୁଣା ପାର୍କିଂ ସ୍ଥାନରେ ଚାରି ତାଲା ବିଶିଷ୍ଟ ପାର୍କିଂର ବିକାଶ କରାଯାଇଛି। ବେସ୍‌ମେଣ୍ଟ, ଗ୍ରାଉଣ୍ଡ ସହ ତିନଟି ଫ୍ଲୋରରେ ପ୍ରାୟ ୧୦ହଜାର ୫୦୦ ବର୍ଗମିଟର ପରିମିତ ଅଞ୍ଚଳରେ ପାର୍କିଂ ସୁବିଧା ଉପଲବ୍ଧ ହୋଇଛି। ଏକକାଳୀନ ୩୦୦ କାର ପାର୍କିଂର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ନାଲିପଡ଼ିଆ ଓ ସିପସରୁବାଲିରେ ମଧ୍ୟ ଅନୁରୂପ ପାର୍କିଂ ବ୍ୟବସ୍ଥା କରାଯାଇଛି।

ବେଳାଭୂମି ପରିସରରେ ବ୍ଲୁ ଫ୍ଲାଗ୍ ବିଚ୍ ସଦୃଶ ଲ୍ୟାଣ୍ଡସ୍କେପିଂ ତଥା ଝାଉଁ ଗଛ ଲଗାଯାଇଛି। ଦିଗବାରେଣୀରୁ ଷ୍ଟର୍ଲିନ ପର୍ଯ୍ୟନ୍ତ ଏହି ଗଛଗୁଡ଼ିକ ୬ ଫୁଟ ଉଚ୍ଚ ବିଶିଷ୍ଟ ରହିବ। ସମୁଦ୍ରର ଦୃଶ୍ୟ ଉପଭୋଗ କରିବା ପାଇଁ ୱାଚ୍ ଟାୱାର ସ୍ଥାପନ କରାଯାଇଛି। ବେଳାମାର୍ଗକୁ ସୁଦୃଶ୍ୟ ଆଲୋକୀକରଣରେ ସୁସଜ୍ଜିତ କରାଯିବାର ବନ୍ଦୋବସ୍ତ ହୋଇଛି। ପର୍ଯ୍ୟଟକମାନଙ୍କୁ ସୁବିଧାରେ କିପରି ପିଇବା ପାଣି ମିଳିବ, ସେ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଏହାସହ ସମୁଦ୍ର ସ୍ନାନ ପରେ ଗାଧୋଇବା ପାଇଁ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଇଛି। ସାଢ଼େ ୪ କିଲୋମିଟର ବେଳାମାର୍ଗରୁ ପ୍ରାୟ ୧୮୦୦ ମିଟର ପର୍ଯ୍ୟନ୍ତ ୫ଫୁଟ୍ ଓସାରର ଗ୍ରାନାଇଟ୍ ପାଦଚଲା ରାସ୍ତା ତିଆରି ହୋଇଛି। ଏହି ରାସ୍ତାରେ ପର୍ଯ୍ୟଟକମାନେ ଚାଲିଚାଲି ସମୁଦ୍ରର ନୀଳ ଜଳରାଶିକୁ ଉପଭୋଗ କରିବେ।

ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବ୍ୟବସାୟୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ପୂର୍ବରୁ ଯିଏ ଯେଉଁଠି ପାରୁଥିଲେ, ଦୋକାନ ଖୋଲୁଥିଲେ। ଏହାକୁ ବନ୍ଦ କରାଯାଇ ବ୍ୟବସାୟୀମାନଙ୍କ ପାଇଁ ସମାନ ପ୍ରକାର କିଓସ୍କ କରାଯାଇଛି। ଏଥିପାଇଁ ୬୬୬ଟି କିଓସ୍କ ସ୍ଥାପନ ହୋଇଛି। ସମସ୍ତ କିଓସ୍କ ଗୋଟିଏ ପ୍ରକାର ଗଢ଼ଣରେ ନିର୍ମିତ ହୋଇଛି। ଏହି କିଓସ୍କ ସବୁ କଳଙ୍କି ନିରୋଧୀ ନିର୍ମାଣ କରାଯାଇଛି। ସମୁଦ୍ରର ଲୁଣାପାଣି ବାଜିଲେ ଯେପରି ଏହି କିଓସ୍କୋଗୁଡ଼ିକର କୌଣସି କ୍ଷତି ହେବ ନାହିଁ ତା' ଉପରେ ଧ୍ୟାନ ଦିଆଯାଇଛି। ଏହାବ୍ୟତୀତ ଏହି ବେଳାଭୂମି ଭିତରେ ଜଳକ୍ରୀଡ଼ା କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ରାତିରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଝିଲିମିଲି ଆଲୋକମାଳାରେ ସଜାଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ (ଓବିସିସି) ପକ୍ଷରୁ ଏହାର ନିର୍ମାଣ କାମ କରାଯାଇଛି।

# ଉତ୍ସବମୁଖର ଶ୍ରୀକ୍ଷେତ୍ର


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବା ପରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି ପରିକ୍ରମା ପ୍ରକଳ୍ପ। ଏହି ଶୁଭ ମୁହୂର୍ତ୍ତର ଶୁଭକ୍ଷଣ ଆଗାମୀ ଯୁଗଯୁଗକୁ ସାକ୍ଷୀ ହୋଇ ରହିଯିବ। ଏଥିପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଜୋରଦାର ଚାଲିଥିଲା। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ପୂରା ପୁରୀ ସହର ସଜେଇ ହୋଇଛି। ରାତିରେ ରଙ୍ଗିନ୍ ଆଲୋକମାଳାରେ ପୁରୀର ଦୃଶ୍ୟ ଭକ୍ତ ତଥା ପର୍ଯ୍ୟଟକଙ୍କୁ ଏକ ନୂଆ ଅନୁଭୂତି ଦେଉଛି। କହିବାକୁ ଗଲେ, ସମଗ୍ର ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଏହି ପ୍ରକଳ୍ପ ବାସ୍ତବ ରୂପ ନେବା ପାଇଁ ବହୁ ବାଧାବିଘ୍ନ, ଘାତ-ପ୍ରତିଘାତ, ଏପରିକି ଅଦାଲତି ଲଢ଼େଇର ବି ସମ୍ମୁଖୀନ ହୋଇଥିଲା। କିନ୍ତୁ କଥାରେ ଅଛି, ମନରେ ସଦ୍‌ଭାବନା ରଖି କୌଣସି କାମ କଲେ, ମହାପ୍ରଭୁ ତାକୁ ସାକାର କରାଇଦିଅନ୍ତି। ଆଉ ଏତ ଥିଲା ଖୋଦ୍ ମହାପ୍ରଭୁଙ୍କ କାମ। ତେଣୁ ସାକାର ବା କେମିତି ହୋଇନଥା'ନ୍ତା !

ଓଡ଼ିଶା ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟରେ ଲେଖାଯିବାକୁ ଥିବା ଏହି ପ୍ରକଳ୍ପ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ରୂପରେଖ ପ୍ରସ୍ତୁତ ହୋଇଥିଲା ୨୦୧୯ ମସିହା ଅକ୍ଟୋବର ୧୯ରେ। ସେଦିନ ରାଜ୍ୟ କ୍ୟାବିନେଟ୍‌ରେ ଅବଢ଼ା (ଅଗମେଣ୍ଟେସନ ବେସିକ୍ ଏମିନିଟିଜ୍ ଆଣ୍ଡ୍ ଡେଭଲପମେଣ୍ଟ୍ ଅଫ୍ ହେରିଟେଜ୍ ଆଣ୍ଡ୍ ଆର୍କିଟେକ୍ଚ) ଯୋଜନାରେ ୨୨ଟି ପ୍ରକଳ୍ପ ପାଇଁ ୩୨ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କେବଳ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ୩୩୧ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହି ବର୍ଷ ନଭେମ୍ବରରେ ସରକାର ଜମି ଅଧିଗ୍ରହଣ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ଡିସେମ୍ବର ୩୦ରେ ଚିଠା ପ୍ରସ୍ତାବ ଆଗତ ସହ ମତାମତ ଆହ୍ୱାନ କରାଯାଇଥିଲା। ୨୦୨୧ ଜାନୁଆରୀ ୨୧ରେ ସାଂସ୍କୃତିକ ପରାମର୍ଶ କମିଟି ଶ୍ରୀମନ୍ଦିର ଐତିହ୍ୟ କରିଡରର ଚୂଡ଼ାନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲା। ଏହା ପରିଚାଳନା କମିଟି ଅନୁମୋଦନ ଲାଭ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନୀଳନକ୍ସା ପ୍ରସ୍ତୁତ ହୋଇଥିଲା।


୨୦୨୧ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ତିନିଦିନ ଧରି ଚାଲିଥିବା ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗଜପତି ମହାରାଜ ଦିବ୍ୟସିଂହଦେବ ଶିଳା ସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ୧୮ଟି ମଠର ମହନ୍ତ ଓ ୧୦୮ଜଣ ବ୍ୟକ୍ତିଗତ ଜମିଦାତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରକଳ୍ପ କାମ ୧୮ ମାସରେ ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରି ଦେଇଥିଲେ। ପାହାନ୍ତା ପ୍ରହରରୁ କାର୍ଯ୍ୟର ବାରମ୍ବାର ସମୀକ୍ଷା, ଘଟଣାସ୍ଥଳ ପରିଦର୍ଶନ ପ୍ରକଳ୍ପ କାମକୁ ଆଗକୁ ନେଇଥିଲେ। ଗୋଟିଏ ପଟେ କାମ ଆଗେଇ ଚାଲିଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠୀ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ଭଣ୍ଡୁର କରିବା ପାଇଁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ଏହାକୁ ନେଇ କଥା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଗଲା। ପ୍ରକଳ୍ପକୁ ବିରୋଧ କରି ପୁରୀର ଦିଲୀପ ବରାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କଲେ। ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଓ ନ୍ୟାସନାଲ ମନୁମେଣ୍ଟ ଅଥରିଟି (ଏନଏମଏ) ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଖନନ ଓ ନିର୍ମାଣ ବେଆଇନ ଦର୍ଶାଇ ହାଇକୋର୍ଟରେ ସତ୍ୟପାଠ ଦେଲେ। ଖାଲି ସେତିକି ନୁହେଁ, ପ୍ରକଳ୍ପକୁ ରୋକିବା ପାଇଁ ଏକାଧିକ ମାମଲା କରାଗଲା। କିନ୍ତୁ କଳା ଠାକୁରଙ୍କ ଲୀଳା ବଡ଼ ବିଚିତ୍ର। ମାମଲା ଚାଲିଥିଲେ ହେଁ କୋର୍ଟ କାମ ସ୍ଥଗିତ କରିବାକୁ ନିର୍ଦ୍ଦେଶ ଦେଇନଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ, ସବୁ ମାମଲା ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ।

୨୦୨୨ ଜୁନ୍ ୩ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣରେ ତୁରନ୍ତ ରୋକ୍ ଲଗାଇବା ପାଇଁ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସୁମନ୍ତ କୁମାର ଘଡ଼େଇଙ୍କ ପକ୍ଷରୁ ଆଗତ ଦୁଇଟି ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଏଭଳି ଆବେଦନକୁ 'ତୁଚ୍ଛ', 'ଚପଳାମି' ଏବଂ ଜନସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି କୋର୍ଟ ଉଭୟ ଆବେଦନକାରୀଙ୍କୁ ଚାରି ସପ୍ତାହ ମଧ୍ୟରେ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟ ଶୁଣାଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇ ଏବଂ ଜଷ୍ଟିସ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଜନସ୍ୱାର୍ଥ ମାମଲାକୁ ନାପସନ୍ଦ କରିଥିଲେ। ଅତ୍ୟନ୍ତ ଅସନ୍ତୋଷ ପ୍ରକାଶ କରି ଖଣ୍ଡପୀଠ କହିଥିଲେ, ଏଭଳି ଜନସ୍ୱାର୍ଥ ମାମଲା ଆତ୍ମପ୍ରଚାର ଓ ଆତ୍ମସ୍ୱାର୍ଥ ସମ୍ବଳିତ ବୋଲି କୁହାଯାଇପାରେ। ଉନ୍ନୟନମୂଳକ କାମକୁ ବନ୍ଦ କରାଯିବା ଅନୁଚିତ। ପ୍ରକଳ୍ପକୁ ବାଧାଦେବା ଏବଂ ବନ୍ଦ କରିବା ଦ୍ୱାରା ଆବେଦନକାରୀମାନେ କେବଳ ବ୍ୟକ୍ତିଗତ ଗୌରବ ଖୋଜୁଥିଲେ। ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେବଳ ଲକ୍ଷଲକ୍ଷ ଭକ୍ତଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ। ଏହା ପୁରାତନ କୀର୍ତ୍ତିରାଜି ଓ ପ୍ରତ୍ନତତ୍ତ୍ୱସ୍ଥଳୀ ସୁରକ୍ଷା ପାଇଁ ଥିବା ଆଇନକୁ କୌଣସି ଦିଗରେ ବିରୁଦ୍ଧାଚରଣ କରୁନାହିଁ। ଏଣୁ ଶ୍ରୀମନ୍ଦିର ପ୍ରକଳ୍ପ ନିର୍ମାଣରେ କୌଣସି ରୋକ୍ ଲଗାଇବାର ଯଥାର୍ଥ କାରଣ ଉପୁଜୁନାହିଁ ବୋଲି କୋର୍ଟ ରାୟ ଦେଇଥିଲେ।

ଏହାପରେ ୨୦୨୨ ଜୁନ୍ ୨୨ ତାରିଖରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ସୁପ୍ରିମକୋର୍ଟ ଏହି ପ୍ରସଂଗରେ ଶୁଣାଣି କରି ରାୟ ପ୍ରକାଶ କରି ସାରିଥିବାରୁ ହାଇକୋର୍ଟରେ ଆଉ ଏ ସଂପର୍କିତ ମାମଲାର ଶୁଣାଣିର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଖଣ୍ଡପୀଠ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଂଗକୁ ନେଇ ପ୍ରଥମେ ଦାୟର କରାଯାଇଥିବା ଦିଲୀପ ବରାଳଙ୍କ ଜନସ୍ୱାର୍ଥ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସୁମନ୍ତ କୁମାର ଘଡେଇଙ୍କ ଇଣ୍ଟରଭେନ୍‌ସନ୍ ପିଟିସନ୍‌କୁ ମଧ୍ୟ ହାଇକୋର୍ଟ ଖାରଜ କରିଥିଲେ। ଏଥିସହ ନ୍ୟାସନାଲ୍ ମନୁମେଣ୍ଟ ଅଥରିଟିର ଏନ୍‌ଓସି ସଂପର୍କିତ ଚିଠିକୁ ବିରୋଧ କରି ସୁବ୍ରତ ତ୍ରିପାଠୀଙ୍କ ତରଫରୁ ଦାୟର ମାମଲାର ଶୁଣାଣିରେ ମଧ୍ୟ ଖଣ୍ଡପୀଠ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) କୌଣସି ଅନୁମତି ଦେଇ ନାହିଁ ବୋଲି ଦର୍ଶାଇ ଅବସରପ୍ରାପ୍ତ ଆଇଏଏସ୍ ସୁଦର୍ଶନ ନାୟକ ଓ ସାହିତ୍ୟିକ ଭୁବନାନନ୍ଦ ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ମଧ୍ୟ ହାଇକୋର୍ଟ ଅନ୍ତ ଘଟାଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ପ୍ରସଂଗରେ ଶୁଣାଣି କରିବାକୁ ହାଇକୋର୍ଟ ମନା କରିବା ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂପର୍କିତ ସମସ୍ତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଦାୟର କରାଯାଇଥିବା ପିଟିସନ୍‌କୁ ରଦ୍ଦ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଟୁଇଟରରେ ଲେଖିଥିଲେ, 'ତୁମ ଇଚ୍ଛା ବିନା ପତ୍ରଟେ ହଲେନି ଆହେ ଜଗନ୍ନାଥ। ଜୟ ଜଗନ୍ନାଥ।'








# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ








# ଐତିହ୍ୟ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣର ମିଳିତ ଆୟୋଜନ

ଶ୍ରୀମନ୍ଦିର ପରିସରକୁ ଅନେକାନେକ ବୈଶିଷ୍ଟ୍ୟ ବିମଣ୍ଡିତ କରିଛି ଓ ସେଥିରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ପାଚେରୀ ଅନ୍ୟତମ । ଏହାର ନାମ ମେଘନାଦ ପାଚେରୀ । ଏହା ଶ୍ରୀମନ୍ଦିରର ଅଭେଦ୍ୟ ସୁରକ୍ଷା ବଳୟ ରୂପେ କାର୍ଯ୍ୟ କରିଥାଏ। ଶ୍ରୀମନ୍ଦିର ସଂସ୍କୃତି ସହ ଏହାର ସମ୍ପର୍କ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶ୍ୱାସ ରହିଛି ଯେ ମହୋଦଧି ନିକଟବର୍ତ୍ତୀ ହୋଇଥିବା ସତ୍ତ୍ୱେ ମେଘନାଦକୁ ସମୁଦ୍ରର ଗର୍ଜନ ଶୁଭେନାହିଁ । ମେଘନାଦ ପାଚେରୀ ହେଉଛି ଶ୍ରୀମନ୍ଦିରର ବାହାର ବେଢ଼ା ପାଚେରୀ । ଶାଣ ପଥରରେ ନିର୍ମିତ ଏହି ପାଚେରୀରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଚାରୋଟି ଦ୍ୱାର ରହିଛି । ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗର ଅବସ୍ଥିତି ଅନୁଯାୟୀ ଯଥାକ୍ରମେ - ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତୀଦ୍ୱାର ଓ ଅଶ୍ୱଦ୍ୱାର ନାମରେ ନାମିତ କରାଯାଇଛି ।

ମାଦଳାପାଞ୍ଜି ଅନୁଯାୟୀ ଏହି ପାଚେରୀ ୧୪୪୮ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ନିର୍ମିତ ହୋଇଥିଲା ।

ବର୍ଷ ବର୍ଷ ଧରି ମେଘନାଦ ପାଚେରୀ କଡ଼ରେ ଅଣଓସାରିଆ ରାସ୍ତାମାନ ଗଢ଼ି ଉଠିଥିଲା ଓ ବ୍ୟବସାୟିକ ଅନୁଷ୍ଠାନଗୁଡିକ ସେମାନଙ୍କର କାର୍ଯ୍ୟକଳାପ ଜାରି ରଖିଥିଲେ । ଲୋକଗହଳି ଓ ଅବାଧ ଯାତାୟତ କାରଣରୁ ଏହି ପାଚେରୀ ଦୃଷ୍ଟିଗୋଚର ହୋଇପାରୁନଥିଲା। ଲୋକେ ଏଠାରେ ପରିସ୍ରା ଓ ମଳ ତ୍ୟାଗ କରିବା ଏବଂ ବ୍ୟବସାୟିକ ଅନୁଷ୍ଠାନର ବର୍ଜ୍ୟ ବସ୍ତୁ ଓ ଜଳ ଏଠାରେ ଜମି ରହିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା । ଫଳରେ ମେଘନାଦ ପାଚେରୀ ତା'ର ଆକର୍ଷଣ ହରାଇବା ସହ ଶ୍ରୀମନ୍ଦିରର ସୁରକ୍ଷା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା। ଏହି ସବୁ ସମସ୍ୟାକୁ ହୃଦବୋଧ କରି ପ୍ରାୟ ୫୦୦ ବର୍ଷ ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୁରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଅନୁଯାୟୀ ପ୍ରଥମଥର ପାଇଁ ଶ୍ରୀମନ୍ଦିର ଇତିହାସରେ ଏପରି ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ମେଘନାଦ ପାଚେରୀର ହୃତଗୌରବ ଫେରିପାଇଛି।

ମେଘନାଦ ପାଚେରୀର ବାହାରେ ଜମି ଅଧିଗ୍ରହଣ କରାଯାଇ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ହୋଇଥିଲା । ଏହା ସମଗ୍ର ଶ୍ରୀମନ୍ଦିରକୁ ଏକ ନୂତନ ସୁରକ୍ଷା ବଳୟ ପ୍ରଦାନ କରିପାରିଛି। ମେଘନାଦ ପାଚେରୀକୁ ସଂଲଗ୍ନ ଥିବା ଅନେକାନେକ ନିର୍ମାଣ ଢାଞ୍ଚାକୁ ସ୍ଥାନାନ୍ତରିତ କରାଯାଇଛି । ପରିକ୍ରମା ମାର୍ଗ ନିର୍ମାଣ ହେତୁ ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ମେଘନାଦ ପାଚେରୀର ଚତୁଃପାର୍ଶ୍ୱ ନିର୍ବିଘ୍ନରେ ପ୍ରଦକ୍ଷିଣ କରିପାରିବେ । ନିର୍ମିତ ହୋଇଥିବା ଶୌଚାଳୟ ବ୍ୟବହାର ହେତୁ ଆଗଭଳି ମେଘନାଦ ପାଚେରୀରେ ଲୋକେ ଆଉ ପରିସ୍ରା କି ମଳତ୍ୟାଗ କରିବାର ଆଶଙ୍କା ଦୂର ହୋଇଛି । ପରିକ୍ରମା ବଳୟରେ ମୋଟ୍ ତିନୋଟି ଚଲାପଥ ରହିଛି ଏବଂ ପାଚେରୀ ରହିଛି । ପରିକ୍ରମା ପଥରେ ଥରେ ବୁଲି ଆସିଲେ ଜଗନ୍ନାଥପ୍ରେମୀ ସମ୍ପୂର୍ଣ୍ଣ ମେଘନାଦ ପାଚେରୀ ସହ ଶ୍ରୀମନ୍ଦିରର ଆଧ୍ୟାତ୍ମିକ ସଂପୂର୍ଣ୍ଣତାର ଅନୁଭବ ପାଇ ପାରିବେ । ନିର୍ଦ୍ୱିଘ୍ନରେ କୁହାଯାଇପାରେ ଯେ ଏହି ପରିକ୍ରମା ପ୍ରକଳ୍ପ ଦ୍ୱାରା ମେଘନାଦ ପାଚେରୀର ଆଧ୍ୟାତ୍ମିକ ପରିଚୟ ଓ ଐତିହ୍ୟ ସଂରକ୍ଷିତ ଓ ବିକଶିତ ହୋଇପାରିଛି । ଏହାର ସୁରକ୍ଷା ଓ ସୌନ୍ଦର୍ଯ୍ୟ ମଧ ପୁନଃସ୍ଥାପିତ ହୋଇଛି ।

**ଶ୍ରୀନୀଳଚକ୍ର ଓ ପତିତପାବନ ବାନା**

ଶ୍ରୀଜଗନ୍ନାଥ ମନ୍ଦିରର ଚୂଡ଼ାରେ ଦଧିନଉତି ଉପରେ ସ୍ଥାପିତ ଚକ୍ରଟି ନୀଳଚକ୍ର ନାମରେ ବିଦିତ । ଏହା ଅଷ୍ଟଧାତୁରେ ନିର୍ମିତ କେବଳ ଏକ ଭାସ୍କର୍ଯ୍ୟ ନୁହେଁ ବରଂ ଗର୍ଭଗୃହରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ପ୍ରିୟ ପତିତପାବନ ନେତକୁ ଧାରଣ କରିଥିବା ଗୌରବମୟ ପ୍ରତୀକ। ଶ୍ରୀମନ୍ଦିର ଶିଖରରେ ବିଦ୍ୟମାନ ଏହି ନୀଳଚକ୍ର ୧୭୧୩ ମସିହାରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ରାଜତ୍ୱ କାଳରେ ସ୍ଥାପିତ ହୋଇଥିଲା । ପ୍ରାତଃକାଳରେ ଶ୍ୱେତ ଦିଶୁଥିବା ଏହି ନୀଳଚକ୍ର ଦିନ ବିତିବା ସଙ୍ଗେସଙ୍ଗେ କ୍ରମବର୍ଦ୍ଧମାନ ସୂର୍ଯ୍ୟତାପ ସହ ତାଳ ଦେଇ ନୀଳରୁ ନୀଳତର ହୋଇଥାଏ । ଶ୍ରୀମନ୍ଦିର ଚୂଡ଼ାରେ ସ୍ଥାପିତ ନୀଳଚକ୍ର ହେଉଛି ଚକ୍ରାୟୁଧ ସୁଦର୍ଶନଙ୍କ ପ୍ରତୀକ ।

ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଯେତିକି ପ୍ରିୟ, ନୀଳଚକ୍ର ଓ ପତିତପାବନ ନେତ ମଧ ଅନୁରୂପ ଭାବରେ ପବିତ୍ର । ଶ୍ରୀମନ୍ଦିର ନୀତି ସହ ନୀଳଚକ୍ର ଓ ପତିତପାବନ ନେତର ସମ୍ପର୍କ ଅଭିନ୍ନ । ନୀଳଚକ୍ରରେ ନେତ ନଥିଲେ ଶ୍ରୀଜୀଉମାନଙ୍କ ନୀତି ସମ୍ପନ୍ନ ହୋଇପାରେ ନାହିଁ । ପ୍ରତ୍ୟହ ପତିତପାବନ ନେତକୁ ପରିବର୍ତ୍ତନ କରାଯାଏ ଓ ସେତେବେଳେ ଭକ୍ତ ସେହି ଅପୂର୍ବ ଦୃଶ୍ୟ ଦେଖି ନିଜକୁ ଭାଗ୍ୟବାନ ମନେ କରିଥାଏ । ପୂର୍ବରୁ ମନ୍ଦିରର ଅନ୍ତର୍ବଳୟ ମଧ୍ୟରେ ରହି କମ୍ ସଂଖ୍ୟକ ଭକ୍ତ, ପୁଣି ବହୁ କଷ୍ଟରେ ନେତ ପରିବର୍ତ୍ତନ ନୀତିକୁ ଦେଖି ପାରୁଥିଲେ । ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବହୁ ସଂଖ୍ୟକ ଭକ୍ତ ଏହି ଦିବ୍ୟ ଦୃଶ୍ୟର ପ୍ରତ୍ୟକ୍ଷ କରିପାରିବେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭକ୍ତଙ୍କ ସୁବିଧା ନିମନ୍ତେ ପରିକ୍ରମା ପ୍ରକଳ୍ପ ମଧ୍ୟରେ ଏକ ମୁକ୍ତାକାଶ ମଞ୍ଚ ନିର୍ମାଣ କରାଯାଇଛି । ଏଠାରେ ବସି ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ପତିତପାବନ ନେତ ପରିବର୍ତ୍ତନ ଓ ମହାଦୀପ ଉଠାଣ ଭଳି ଗୁରୁତ୍ୱପୂର୍ଣ୍ଣ ନୀତି ଗୁଡିକ ପ୍ରତ୍ୟକ୍ଷ କରିପାରିବେ ।

**ପାଣି ଟାଙ୍କିରେ ଜଗନ୍ନାଥ ସଂସ୍କୃତିର ବର୍ଣ୍ଣଳ ବ୍ୟାଖାନ**

ଶ୍ରୀମନ୍ଦିରର ଉତ୍ତର-ପଶ୍ଚିମ କୋଣ ବା ବାୟବ୍ୟ କୋଣରେ ରହିଛି ୧୯୩୫ ମସିହାରେ ନିର୍ମିତ ପାଣି ଟାଙ୍କି । ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପାଣି ଟାଙ୍କି ଏବେ ମଧ କାର୍ଯ୍ୟକ୍ଷମ ରହିଛି ସତ କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅବସ୍ଥା ଜରାଜୀର୍ଣ୍ଣ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ନିର୍ଣ୍ଣୟ ବେଳେ ପାଣି ଟାଙ୍କିକୁ ହଟାଇ ଦେବାର ପ୍ରସ୍ତାବ ଆସିଥିଲା କିନ୍ତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କ୍ଷେତ୍ର ପରିଦର୍ଶନରେ ଆସି ପାଣିଟାଙ୍କିର ସ୍ୱତନ୍ତ୍ର ରୂପେ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବ୍ରିଟିଶ ଅମଳର ପାଣି ଟାଙ୍କିକୁ ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ରୂପେ ନୂତନ ରୂପ ଦିଆଯାଇଛି।

ଶ୍ରୀଜଗନ୍ନାଥଙ୍କ ମହିମା ବଖାଣୁଥିବା ପ୍ରସିଦ୍ଧ କାଞ୍ଚି ବିଜୟ ଅଭିଯାନ ପ୍ରସଙ୍ଗକୁ ଓଡ଼ିଶାର ଅନନ୍ୟ ଲଳିତ କଳା ପଟ୍ଟଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ।

ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଯୁଦ୍ଧାର୍ଥେ କାଞ୍ଚି ଗମନ, ମାଣିକ ଗଉଡୁଣୀଠୁ ଦହି ଖାଇ, ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଆଦି ଐତିହାସିକ ବିଷୟକୁ ପଟ୍ଟଚିତ୍ର ମାଧ୍ୟମରେ ଉଜ୍ଜୀବିତ କରାଯାଇଛି। ଐତିହ୍ୟ ଗ୍ରାମ ରଘୁରାଜପୁରର ଶିଳ୍ପୀ ୟୁନିଭର୍ସ ମହାରଣା, ମଧୁସୂଦନ ସ୍ୱାଇଁ, ସୁକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁଭାଷ ପ୍ରଧାନ, ହେମନ୍ତ ବରାଳ ଓ ଅନ୍ୟ ଶିଳ୍ପୀ ଏହି ପଟ୍ଟଚିତ୍ର ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁଉଚ୍ଚ ସ୍ଥାନରେ ପଟ୍ଟଚିତ୍ର ଆଙ୍କିବା କେବଳ ମହାବାହୁଙ୍କ ଆଶୀର୍ବାଦ ହେତୁ ସମ୍ଭବ ହୋଇଛି ବୋଲି ଏହି ସଂକୃତଙ୍କ ମତ ରଖିଛନ୍ତି । ଏବେ ଚିତ୍ରିତ ପାଣିଟାଙ୍କି ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ରୂପେ ସମସ୍ତଙ୍କୁ ବିମୋହିତ କରୁଛି । ସେଠାରେ ଜଗନ୍ନାଥ ସଂସ୍କୃତିର ବର୍ଣ୍ଣିଳ ବାଖ୍ୟାନ ସମସ୍ତଙ୍କୁ ଆଲୋଡିତ କରୁଛି । ପରିକ୍ରମା ପ୍ରକଳ୍ପରେ ଏହି ପାଣି ଟାଙ୍କିର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ତଥା ପଟ୍ଟଚିତ୍ର ଅଙ୍କନ ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ପ୍ରଦତ୍ତ ଗୁରୁତ୍ୱ ଅଭିନବ ସୃଜନର ଇଙ୍ଗିତ ଦେଉଛି। ପରିକ୍ରମା ପଥରେ ବୁଲିଲା ବେଳେ ଭକ୍ତମାନେ ଯେତିକି ଅଭିଭୂତ ହେବେ, ପଟ୍ଟଚିତ୍ରରେ ମଧ ସେହିପରି ବିମୋହିତ ହେବେ ।



# ଐତିହ୍ୟ ମଠରେ ଐଶ୍ୱର୍ଯ୍ୟର ଛାପ

## ଉଦ୍ଧାର ହେଉଥିବା ମଠ ପଛର ଇତିହାସ

ବ୍ରତୀମାନେ ଶ୍ରୀକ୍ଷେତ୍ରରେ ମଠ ନିର୍ମାଣ କରି ଦରିଦ୍ର ନାରାୟଣ ସେବାରେ ମନୋନିବେଶ କରିଥିଲେ। ମଠଗୁଡ଼ିକ କ୍ରମଶଃ ଶିକ୍ଷା ପ୍ରସାରଣ କ୍ଷେତ୍ର, ସଂସ୍କୃତି ପ୍ରଚାର, ଧର୍ମ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ର ପାଲଟି ଯାଇଥିଲା। ପ୍ରତ୍ୟେକ ମଠରେ ସମ୍ପୃକ୍ତ ସଂପ୍ରଦାୟର ଇଷ୍ଟ ଦେବ ପୂଜା ପାଆନ୍ତି। ପୂଜାର୍ଚ୍ଚନା, ସ୍ନାନ ମାର୍ଜନ, ଭୋଗ ଧୂପ, ଯାନିଯାତ୍ରାର ବ୍ୟୟଭାର ଭୂ-ସମ୍ପତ୍ତିରୁ ଭରଣା କରାଯାଏ। ସର୍ବବୃହତ୍ ମଠ ଭାବେ ଏମାର ମଠକୁ ବିବେଚନା କରାଯାଏ। ନଅଙ୍କ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଯୋଗାଇବାରେ ଏହି ମଠର ବଡ଼ ଭୂମିକା ଥିଲା। ଅନନ୍ତ ବର୍ମନ ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଶ୍ରୀରାମାନୁଜାଚାର୍ଯ୍ୟ ୧୧୪୮ ଖ୍ରୀଷ୍ଟାବ୍ଦରେ ଦକ୍ଷିଣରୁ ଆସି ପୁରୀରେ ପରମ୍ପରା ରକ୍ଷା କରିବାକୁ 'ଏମାର ମଠ' ସ୍ଥାପନ କରିଥିଲେ। ଏମାର ମଠ ବଡ଼ସିଂହାର ବେଶ ପାଇଁ ଫୁଲ ଚନ୍ଦ୍ରିକା ଓ ଚଉସରାମାଳ ଯୋଗାଇଥାଏ। ଏମାର ମଠ ପକ୍ଷରୁ ପ୍ରାଚୀନ ରଘୁନନ୍ଦନ ପାଠାଗାର ନିର୍ମିତ ହୋଇଥିଲା। ଏଠାରେ ଜଗନ୍ନାଥ ଚେତନା, ଉପାସନା ସମ୍ବନ୍ଧୀୟ ଅନେକ ପୁସ୍ତକ ଓ ତାଳପତ୍ର ପୋଥି ରଖାଯାଇଥିଲା। ବହୁ ରାଜା ମହାରାଜାମାନେ ଏହି ମଠକୁ ଧନ ସମ୍ପତ୍ତି ଦାନ କରିଥିଲେ। ୬ ତାଲା ବିଶିଷ୍ଟ ଏହି କୋଠାରେ ଖାଦ୍ୟ ଶସ୍ୟ ମହଜୁଦ ରହୁଥିଲା। ପୁରୀ ବାହାରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅବଢ଼ା ଓ ଖାଦ୍ୟପେୟର ବ୍ୟବସ୍ଥା ଏହି ମଠ ତରଫରୁ କରାଯାଉଥିଲା। ସେହିଭଳି ଚତୁର୍ଦ୍ଦଶ ଶତାବ୍ଦୀରେ ଶ୍ରୀରାମାନନ୍ଦାଚାର୍ଯ୍ୟ ମୁସଲମାନଙ୍କ ଆକ୍ରମଣରୁ ଶ୍ରୀମନ୍ଦିରକୁ ରକ୍ଷା କରିବା ପାଇଁ 'ଛାଉଣି ମଠ' ସ୍ଥାପନ କରିଥିଲେ। ମୋଗଲମାନଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ ସମୟରେ ହଜାର ହଜାର ସାଧୁ, ସନ୍ଥ, ସନ୍ନ୍ୟାସୀମାନଙ୍କର ଏଠାରେ ଏକତ୍ରିତ ବା ଛାଉଣି ହେଇ ପ୍ରତିରୋଧ କରୁଥିଲେ। ତେଣୁ ଏହି ମଠର ନାମକରଣ ଏଭଳି କରାଯାଇଛି ବୋଲି କୁହାଯାଏ। ସେହିଭଳି ନରସିଂହ ଆଚାରୀ ମଠ ରାମାନୁଜ ସଂପ୍ରଦାୟର। ଏହାକୁ ଆଚାରୀ ମଠ ବୋଲି ମଧ କୁହାଯାଏ। ଶ୍ରୀନୃସିଂହ ଏହି ମଠର ଆରାଧ ଦେବତା।



'ଭାରତ ସରସେ ଉତ୍କଳ କମଳ। ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ'। ଅର୍ଥାତ ଭାରତ ଯଦି ପଦ୍ମ ହୁଏ, ତା' ମଧ୍ୟରେ ଓଡ଼ିଶା କେଶର ସଦୃଶ। ଆଧ୍ୟାତ୍ମିକ ରାଜଧାନୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରକୁ ନେଇ ସମୃଦ୍ଧ। ମାତ୍ର ଶ୍ରୀମନ୍ଦିରର ସେବା ପରମ୍ପରା ଓ ପ୍ରଚାର ପ୍ରସାର ମଠ ବିନା ପରିକଳ୍ପନା କରାଯାଇନପାରେ। ସାଧୁ ସନ୍ଥ, ରାଜା ମହାରାଜା, ଧନୀ, ଜମିଦାରମାନେ ଶ୍ରୀକ୍ଷେତ୍ରରେ ମଠ ଓ ଆଶ୍ରମ ସ୍ଥାପନ କରି ଶ୍ରୀମନ୍ଦିର ପୂଜା ପାର୍ବଣରେ ଅଂଶୀଦାର ହୋଇଆସିଛନ୍ତି। ପ୍ରଚୁର ଜମିବାଡ଼ି, ଗ୍ରାମ ଶାସନ ଖଞ୍ଜିଛନ୍ତି। ଶ୍ରୀ ଶ୍ରୀଜଗନ୍ନାଥଙ୍କ ଉପାସନା, ଯାନିଯାତ୍ରା, ଭୋଗ ଓ ବେଶ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି। ଶହଶହ ବର୍ଷର ପ୍ରାଚୀନ ମଠ ଏବେ ବି ସେବା ଦେଇ ଆସୁଛନ୍ତି। ତେଣୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମଧ୍ୟରେ ୭୫ ମିଟର ପରିଧି ଭିତରେ ଆସୁଥିବା ଜରାଜୀର୍ଣ୍ଣ ମଠକୁ ମଧ ନୂଆ ଛାପ ଦିଆଯାଇଛି। ମଠର ସ୍ଥାପତ୍ୟକୁ ଅକ୍ଷୁଣ୍ଣ ରଖି ଏହାର ଉନ୍ନତୀକରଣ କରାଯାଇଛି।

ଖ୍ୟାତନାମା ଶିଳ୍ପୀ ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଚାଲିଥିଲା ଶ୍ରୀମନ୍ଦିର ସଂଲଗ୍ନ ମଠ ଓ ମନ୍ଦିରର ବିକାଶ। କଳିଙ୍ଗ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକୁ ଅତୁଟ ରଖି ଚାଲିଥିଲା ନିର୍ମାଣ କାର୍ଯ୍ୟ। ସମସ୍ତ ମଠକୁ ଖଣ୍ଡୋଲାଇଟ୍ ପଥର ଭାସ୍କର୍ଯ୍ୟ ବିମଣ୍ଡିତ କରାଯାଇଛି। ପ୍ରତ୍ୟେକ ମଠରେ ରହିଛି ତୋରଣ, ମଗର ଓ ଖମ୍ବ। ସମସ୍ତ ମଠକୁ ୟୁନିଫର୍ମ ଅର୍ଥାତ ସମାନ ପ୍ରକାରର ଛାପ ଦିଆଯାଇଛି। ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରର ଆଧ୍ୟାତ୍ମିକ ବାର୍ତ୍ତାବହ ଭାବେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଶ୍ରୀମନ୍ଦିର ପ୍ରଦକ୍ଷଣ ମାର୍ଗରେ ସମସ୍ତ ୧୭ଟି ମଠ ଓ ୩ଟି ମନ୍ଦିରର ସୌନ୍ଦର୍ଯ୍ୟୀକରଣକୁ ଗୁରୁତ୍ୱ ଦିଆଯାଇଛି।

ମଠର ଐତିହ୍ୟ ସମୃଦ୍ଧ। ଓଡ଼ିଶାର ଧାର୍ମିକ ଇତିହାସରେ ପୁରୀର ମଠ ସଂସ୍କୃତି ଏକ କାଳଜୟୀ ଅଧ୍ୟାୟ। ତେଣୁ ମଠର ପୁନରୁଦ୍ଧାର ସମୟରେ ମଠଗୁଡ଼ିକର ଇତିହାସ ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଉନ୍ନତୀକରଣ କରିବାକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ସେଇ ଆଧାରରେ ଏମାର ମଠ, ଉତ୍ତରପାର୍ଶ୍ୱ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ଛାଉଣୀ ମଠ, ରାଘବଦାସ ମଠ, ପଞ୍ଜାବୀ ମଠ, କୌଶଲ୍ୟା ଦାସ ମଠ,

### ପରିକ୍ରମା ମାର୍ଗ ମଠ ମନ୍ଦିରରେ ଉତ୍କଳୀୟ ଭାସ୍କର୍ଯ୍ୟ

ତ୍ରିମାଳି ମଠ, ରେବେସା ମଠ, ରାମଦୟା ପରିଷଦ, ବଡ଼ ଆଖଡ଼ା ମଠ, ନରସିଂହଚାରୀ ମଠ, ଲଙ୍ଗୁଳି ମଠ, ମଙ୍ଗୁ ମଠ, ଶଙ୍ଖଚକ୍ର ମଠ, କଟକୀ ମଠ ଓ କାକୁଡ଼ିଖାଇ ସମେତ ବୁଢ଼ି ମା' ମନ୍ଦିର, ମା' ଭଗବତୀ ମନ୍ଦିର, ପ୍ରଭୁ ଶ୍ରୀକପାଳମୋଚନ ମହାଦେବଙ୍କ ମନ୍ଦିରର ଉନ୍ନତିକରଣ କରାଯାଉଛି।

ଭାସ୍କର୍ଯ୍ୟ ଶିଳ୍ପୀ ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ୧୦୦ରୁ ଅଧିକ କାରିଗର ବାଲେଶ୍ୱର, କେଉଁଝର, କଟକରୁ ଆସି କାମରେ ନିୟୋଜିତ ହୋଇଛନ୍ତି। ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନଏମଏ) ମଠଗୁଡ଼ିକୁ କୌଣସି କ୍ଷତି ନପହଞ୍ଚାଇ ଏବଂ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବାକୁ ନିର୍ଦ୍ଦେଶ ଦେଇଥିବାରୁ ସେଇ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରାଯାଉଛି।

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମନ୍ୱୟ ପାଇଁ ଶ୍ରୀକ୍ଷେତ୍ରରେ ପ୍ରାଚୀନ କାଳରୁ ଗଢ଼ି ଉଠିଛି ମଠ ସଂସ୍କୃତି। ମହାତ୍ମା, ସାଧୁ ସନ୍ଥମାନେ ପୁରୀରେ ମଠ ସ୍ଥାପନ କରି ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରାଇଥିଲେ। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ମଠଗୁଡ଼ିକୁ ଧର୍ମ, ସଂସ୍କୃତି, ଶିକ୍ଷା ବ୍ୟବସ୍ଥାରେ ବିକାଶରେ ସହଯୋଗ କରି ଆସୁଥିଲେ। ନିରାଶ୍ରୟଙ୍କୁ ଆଶ୍ରୟ ଓ ଅନ୍ନଛତ୍ର ପ୍ରଦାନ କରି ମଠଗୁଡ଼ିକ ମହାନୁଭବର ପରିଚୟ ଦେଇ ଆସିଛନ୍ତି। ଦୂରଦୂରାନ୍ତରରୁ ଆସୁଥିବା ସିଦ୍ଧ, ସାଧୁ, ସନ୍ନ୍ୟାସୀମାନଙ୍କୁ ମଠ ଆତିଥେୟତା ଦେଇ ଆସୁଛନ୍ତି। ତେଣୁ ମଠର ଗୁରୁତ୍ୱକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶରେ ଏବଂ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଉନ୍ନତୀକରଣ କରାଯାଇଛି।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ବିପଦରେ ପଡ଼ିବ ୪୦ ପ୍ରତିଶତ ଚାକିରି

ଏଆଇକୁ ନେଇ ପ୍ରତିଦିନ କିଛି ନା କିଛି ଖବର ସାମ୍ନାକୁ ଆସୁଛି । କାମକୁ ଅତି ସହଜରେ କରିବାକୁ ପାଇଁ ଲକ୍ଷ୍ୟ ରଖାଯାଇଛି ଏହି ଏଆଇ ଦ୍ୱାରା । ପୁଣି ଦ୍ରୁତ ଭାବରେ ବଢ଼ୁଥିବା ଆଧୁନିକ ଜ୍ଞାନକୌଶଳ ଆଡ଼କୁ ବଢ଼ୁଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିଭାଇବ । ଯାହା ଆରମ୍ଭ ମଧ୍ୟ ହୋଇସାରିଛି । ଏମିତିରେ ତ ସବୁ ଆଧୁନିକ ଜ୍ଞାନକୌଶଳର ଲାଭ ଏବଂ କ୍ଷତି ଉଭୟ ରହିଥାଏ । ଏହା ଏଆଇ ସହ ମଧ୍ୟ ହେଉଛି । ଏହାର କିଛି ଫାଇଦା ଅଛି ତ ପୁଣି କିଛି କ୍ଷତି ମଧ୍ୟ । ଆଉ ଏହିଭଳି ଏଆଇର ଏକ କ୍ଷତି ବିଷୟରେ ଏହାର ଏକ ସଦ୍ୟ ରିପୋର୍ଟରେ ଖୁଲାସା କରିଛି ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ଅର୍ଥାତ ଆଇଏମଏଫ ।

ପ୍ରକୃତରେ ଆଇଏମଏଫର ଏକ ନୂଆ ବିଶ୍ଳେଷଣ ଅନୁଯାୟୀ, ଏଆଇ ଅର୍ଥାତ ଦୁନିଆର ପ୍ରାୟ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିପାରେ । ବିବିସିର ଏକ ରିପୋର୍ଟ ଅନୁଯାୟୀ ଆଇଏମଏଫର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ଅଧିକାଂଶ ପରିସ୍ଥିତିରେ ଏଆଇ ହୁଏତ ସମଗ୍ର ବିଶ୍ୱର ଅସମାନତାକୁ ଆହୁରି ଖରାପ କରିପାରେ । ଜର୍ଜିଭା କହିଛନ୍ତି ପଲିସିମେକର୍ସଙ୍କୁ ଏହିଭଳି ଭାବରେ ପରିସ୍ଥିତି ଉପରେ ଧ୍ୟାନ ଦେବା ଦରକାର ଫଳରେ ଟେକ୍ନୋଲୋଜି ଦ୍ୱାରା ସାମାଜିକ ସ୍ଥିତିକୁ ଆହୁରି ଅଧିକ ଉସ୍କେଇବାରୁ ରୋକାଯାଇପାରିବ ।

ଏହି ରିପୋର୍ଟ ଅନୁଯାୟୀ, ଆଇଏମଏଫ କହିଛି ଏଆଇ ଆଡଭାନ୍ସ ଇକୋନୋମିକ୍ସରେ ଚାକିରିର ପ୍ରାୟ ୬୦ ପ୍ରତିଶତ ପ୍ରଭାବିତ କରିଛି । ଏଥିରୁ ଅଧା କର୍ମଚାରୀ ଏଭଳି ରହିବେ ଯେଉଁମାନେ ଏଆଇରୁ ଫାଇଦା ମିଳିବା ନେଇ ଆଶା କରିପାରନ୍ତି, ଯାହାଦ୍ୱାରା ସେମାନଙ୍କ ଉତ୍ପାଦକତା ବଢ଼ିବ । ଏହା ବ୍ୟତୀତ ଏଆଇ ସେହି କାମକୁ ମଧ୍ୟ କରାଯାଇପାରିବ, ଯାହାକୁ କରିବା ପାଇଁ ବର୍ତ୍ତମାନ କର୍ମଚାରୀଙ୍କୁ ଆବଶ୍ୟକ ପଡ଼ିବ । ଏଥିରେ ଶ୍ରମ ଅର୍ଥାତ କର୍ମଚାରୀଙ୍କ ଆବଶ୍ୟକ କମ୍ ହୋଇପାରିବ । ଦରମା ପ୍ରଭାବିତ ହୋଇପାରେ ଏବଂ ଏମିତିକି ଚାକିରି ମଧ୍ୟ ହରାଇପାରନ୍ତି । ଅବଶ୍ୟ ଆଇଏମଏଫର ଅନୁମାନ ରହିଛି ଯେ, ଏଆଇ ଟେକ୍ନୋଲୋଜି କମ୍ ଆୟ ଥିବା ଦେଶରେ କେବଳ ୨୬ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ ।

ଆଇଏମଏଫର ପରିଚାଳନା ଡାଇରେକ୍ଟର କହିଛନ୍ତି ଅନେକ ଦେଶ ପାଖରେ ଏଆଇର ଫାଇଦା ନେବା ପାଇଁ ଆବଶ୍ୟକ ଭିତ୍ତିଭୂମି ତଥା କାର୍ଯ୍ୟବଳ ନାହିଁ, ଯାହାଦ୍ୱାରା ଏହାର ବିପଦ ବଢ଼ିଛି । ଆଉ ସମୟ ସହ ଏହି ଟେକ୍ନୋଲୋଜି ବିଶ୍ୱର ଅନେକ ଦେଶ ମଧ୍ୟରେ ଅସମାନତା ବଢ଼ାଇପାରେ । ଆଇଏମଏଫର କହିବା ଅନୁଯାୟୀ କମ୍ ଆୟ ଏବଂ ଅଧିକ ବୟସର କର୍ମଚାରୀ ପଛରେ ପଡ଼ିପାରନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

**ଓଁ ଏକାକ୍ଷର ତତ୍ତ୍ୱ**

**'ଅ'- ଅନନ୍ତାୟ ନମଃ**

'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ
ରାମ ରାମ ହରେ ହରେ'

ଏଣୁ ମୋ ହୃଦେ ନାମ ଥୋଇ
ଜଗତେ ସଦା ଭ୍ରମୁ ଥାଇ (୨୨)
ତୁମ୍ଭ ଇଚ୍ଛାରେ ଏ ଜଗତ
ହେ ଦାରୁ ବ୍ରହ୍ମ ଜଗନ୍ନାଥ (୨୩)
ଭକ୍ତକୁ ମାୟା ଟି ନକର
ତୋ ବିନୁ ଗତି ନାହିଁ ତାର (୨୪)
ଭକ୍ତର ଧନ ତୋର ନାମ
ଭକ୍ତର ଜ୍ଞାନ ତୋର ନାମ (୨୫)
ଭକ୍ତ ଭାବନା ତୋର ନାମ



ଶ୍ରୀ ଅଭିରାମ ସରସ୍ୱତୀ


ଭକତ ଶକ୍ତି ତୋର ନାମ (୨୬)
ଜଗତ ବ୍ରହ୍ମ ଜଗନ୍ନାଥ
ମାୟା ନକର ପ୍ରାଣନାଥ (୨୭)
ନାମରୁ ନାମ ମହାନାମ
ବ୍ରହ୍ମରୁ ବ୍ରହ୍ମ ମହାବ୍ରହ୍ମ (୨୮)
ତେଣୁ ତୁ ଦାରୁ ବ୍ରହ୍ମ ହରି
ସକଳ ଘଟେ ଅଛୁ ପୁରି (୨୯)



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

## ଶ୍ରୀ ସତ୍ୟସାଇ ମହିମା-୨୪୪

# ବାବା ଅଦୃଶ୍ୟରେ ବ୍ରତୋପନୟନ ଉତ୍ସବରେ ଯୋଗଦେଲେ



**ବାବା ନଆସିବାରୁ ବାଧ ହୋଇ ରାମଚନ୍ଦ୍ରନ୍ଙ୍କ ପରିବାର ବାବାଙ୍କ ଅନୁପସ୍ଥିତିରେ ଦୁଇ ଶିଶୁଙ୍କର ବ୍ରତୋପନୟନ ଉତ୍ସବ ସମ୍ପନ୍ନ କଲେ । ଉତ୍ସବ ଶେଷ ହେବା ବେଳକୁ ଜଣେ ଆଠ ବର୍ଷର ବାଳକ ନିଜକୁ ପିତୃ ମାତୃ ହୀନ କହି ଶ୍ରୀମତୀ ରାମଚନ୍ଦ୍ରନ୍ଙ୍କୁ କିଛି ଖାଇବାକୁ ମାଗିଲେ । ସେ ବାଳକ ପାଇଁ କିଛି ଖାଇବା ପଦାର୍ଥ ଆଣାଗଲା । ସେ ବାଳକ ସେହି ଖାଇବା ପଦାର୍ଥରୁ କିଛି ଖାଇ ହଠାତ୍ ଅଦୃଶ୍ୟ ହୋଇଗଲେ । କେହି ତାଙ୍କୁ ଦେଖିପାରିଲେନାହିଁ । ରାମଚନ୍ଦ୍ରନ୍ଙ୍କ ପରିବାର ଏଥିରେ ଆଶ୍ଚର୍ଯ୍ୟ ହୋଇ ନିଜ ନିଜ ଭିତରେ ଆଲୋଚନା କରି ଜାଣିଲେ ଯେ କେହି ସେହି ବାଳକକୁ ଚିହ୍ନିନଥିଲେ କି ଆଗରୁ ଦେଖିନଥିଲେ । ଆଖପାଖରେ ରହୁଥିବା ଭକ୍ତମାନେ ମଧ୍ୟ କହିଲେ ଯେ ସେହି ବିସ୍ମୟ ବାଳକକୁ ଆଗରୁ କେହି ଦେଖିନଥିଲେ । ଏହି ସମୟରେ ବାବାଙ୍କ ପାଇଁ ଉଦ୍ଦିଷ୍ଟ ସିଂହାସନ ଭଳି ଚୌକୀ ଉପରେ ଜଣେ ଭକ୍ତଙ୍କର ନଜର ପଡ଼ିଗଲା । ସେ ଦେଖିଲେ ଯେପରି ସେହି ଚୌକୀରେ କେହି ଜଣେ ବସିଥିଲେ ଆଉ ସେ ଉଠିଗଲା ପରେ କିଛି ଚିହ୍ନ ଛାଡ଼ି ଯାଇଛନ୍ତି ।**

୧୯୬୫ ମସିହା ଏପ୍ରିଲ ମାସରେ ଦିନେ ପ୍ରତିରକ୍ଷା ମନ୍ତ୍ରଣାଳୟ କାମ କରୁଥିବା ଓ ପୁନାରେ ରହୁଥିବା ସି. ରାମଚନ୍ଦ୍ରନ୍ ନାମକ ଜଣେ ସାଇ ଭକ୍ତ ଏକ ଟେଲିଗ୍ରାମ୍ ପାଇଲେ । ସେଥିରେ ଲେଖାଥିଲା 'ତୁମ ଘରେ ବାବା ମେ ମାସ ପାଞ୍ଚ ତାରିଖରେ ପହଞ୍ଚୁଛନ୍ତି । ସେ ତୁମ ଦୁଇ ପୁଅଙ୍କର ବ୍ରତୋପନୟନ କରି ସେମାନଙ୍କୁ ବ୍ରହ୍ମୋପଦେଶ ପ୍ରଦାନ କରିବେ ।' ପ୍ରକୃତରେ ରାମଚନ୍ଦ୍ରନ୍ ତାଙ୍କର ଦୁଇ ପୁଅଙ୍କ ପବିତ୍ର ପଇତା ପିନ୍ଧା ଉତ୍ସବ ପାଇଁ ପ୍ରସ୍ତୁତ ହେଉଥିଲେ । କିନ୍ତୁ ସେଥିପାଇଁ ଯେ ଭଗବାନ ସତ୍ୟସାଇ ବାବା ଆସିବେ ଏଥିରେ ସେ ବିଶ୍ୱାସ କରିପାରୁନଥିଲେ । ତେଣୁ ସେ ଏହାର ସତ୍ୟତା ଜାଣିବା ପାଇଁ ପ୍ରଶାନ୍ତିକୁ ଏକ ଟେଲିଗ୍ରାମ୍ ପଠାଇଲେ। କିନ୍ତୁ ସେ ତାର ଉତ୍ତର ପାଇଲେନାହିଁ । ଏହା ସତ୍ତ୍ୱେ ରାମଚନ୍ଦ୍ରନ୍ ବାବାଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହେଲେ । ଆଖପାଖରେ ପ୍ରଚାର ହୋଇଗଲା ଯେ ରାମଚନ୍ଦ୍ରନ୍ଙ୍କ ଦୁଇପୁଅଙ୍କ ବ୍ରତୋପନୟନ ନିମିତ୍ତ ବାବା ଆସୁଛନ୍ତି । ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଅନେକ ଭକ୍ତ ଆସି ରାମଚନ୍ଦ୍ରନ୍ଙ୍କୁ ପଚାରିଲେ । ରାମଚନ୍ଦ୍ରନ୍ କିନ୍ତୁ ତାହାକୁ ହଁ କିମ୍ବା ନାହିଁ କହିପାରିଲେନାହିଁ । କିନ୍ତୁ ସେ ତାଙ୍କର ପ୍ରସ୍ତୁତ ଜାରି ରଖିଲେ। ଉକ୍ତ ଶୁଭ ଦିନରେ ବାବାଙ୍କର ଦର୍ଶନ ଲାଭ କରିବା ପାଇଁ ରାମଚନ୍ଦ୍ରନ୍ଙ୍କ ଘର ବାହାରେ ବହୁ ଭକ୍ତ ଆସି ଏକତ୍ରିତ ହେଲେ । ତାଙ୍କ ଘର ସାମ୍ନାରେ ଥିବା ପ୍ରଶସ୍ତ ବଗିଚାରେ ପ୍ରାୟ ହଜାରେ ଭକ୍ତ ଆସି ପହଞ୍ଚିଲେ । ସେମାନେ ଶୃଙ୍ଖଳିତ ଭାବରେ ଧାଡ଼ି ଧାଡ଼ି ହୋଇ ନିଶବ୍ଦରେ ବସି ରହିଥିଲେ । ରାମଚନ୍ଦ୍ରନ୍ ଘର ଭିତରେ ଏକ କୋଠରୀକୁ ସଜେଇ ବାବାଙ୍କ ପାଇଁ ଏକ ସିଂହାସନ ସଦୃଶ ଚୌକୀ ଯୋଗାଡ଼ କରି ଏକ ଛୋଟ ମଣ୍ଡପ ତିଆରି କରି ତାଉପରେ ଚୌକୀଟି ଥୋଇଲେ ।

ବାବା ନଆସିବାରୁ ବାଧ ହୋଇ ରାମଚନ୍ଦ୍ରନ୍ଙ୍କ ପରିବାର ବାବାଙ୍କ ଅନୁପସ୍ଥିତିରେ ଦୁଇ ଶିଶୁଙ୍କର ବ୍ରତୋପନୟନ ଉତ୍ସବ ସମ୍ପନ୍ନ କଲେ । ଉତ୍ସବ ଶେଷ ହେବା ବେଳକୁ ଜଣେ ଆଠ ବର୍ଷର ବାଳକ ନିଜକୁ ପିତୃ ମାତୃ ହୀନ କହି ଶ୍ରୀମତୀ ରାମଚନ୍ଦ୍ରନ୍ଙ୍କୁ କିଛି ଖାଇବାକୁ ମାଗିଲେ । ସେ ବାଳକ ପାଇଁ କିଛି ଖାଇବା ପଦାର୍ଥ ଆଣାଗଲା । ସେ ବାଳକ ସେହି ଖାଇବା ପଦାର୍ଥରୁ କିଛି ଖାଇ ହଠାତ୍ ଅଦୃଶ୍ୟ ହୋଇଗଲେ । କେହି ତାଙ୍କୁ ଦେଖିପାରିଲେନାହିଁ । ରାମଚନ୍ଦ୍ରନ୍ଙ୍କ ପରିବାର ଏଥିରେ ଆଶ୍ଚର୍ଯ୍ୟ ହୋଇ ନିଜ ନିଜ ଭିତରେ ଆଲୋଚନା କରି ଜାଣିଲେ ଯେ କେହି ସେହି ବାଳକକୁ ଚିହ୍ନିନଥିଲେ କି ଆଗରୁ ଦେଖିନଥିଲେ । ଆଖପାଖରେ ରହୁଥିବା ଭକ୍ତମାନେ ମଧ୍ୟ କହିଲେ ଯେ ସେହି ବିସ୍ମୟ ବାଳକକୁ ଆଗରୁ କେହି ଦେଖିନଥିଲେ । ଏହି ସମୟରେ ବାବାଙ୍କ ପାଇଁ ଉଦ୍ଦିଷ୍ଟ ସିଂହାସନ ଭଳି ଚୌକୀ ଉପରେ ଜଣେ ଭକ୍ତଙ୍କର ନଜର ପଡ଼ିଗଲା । ସେ ଦେଖିଲେ ଯେପରି ସେହି ଚୌକୀରେ କେହି ଜଣେ ବସିଥିଲେ ଆଉ ସେ ଉଠିଗଲା ପରେ କିଛି ଚିହ୍ନ ଛାଡ଼ି ଯାଇଛନ୍ତି । ଚୌକୀର ଦୁଇ ହାତ ଉପରେ ଯେଉଁ ଫୁଲ ଗୁଡ଼ିକ ସଜା ହୋଇଥିଲା ସେଗୁଡ଼ିକ ଚିପି ହୋଇ କିଛିଟା ମଳିନ ପଡ଼ିଯାଇଥିଲା । ଯେହେତୁ ବାବାଙ୍କ ଚୌକୀରେ ଆଉ କେହି ବସିବାକୁ ସାହସ କରିବେନାହିଁ । ତେଣୁ ସମସ୍ତେ ଭାବିଲେ ବାବା ନିଶ୍ଚୟ ଅଦୃଶ୍ୟରେ ଆସି ସେହି ଚୌକୀ ଉପରେ ବସିଥିଲେ । କଥାଟା ଅଧିକ ସ୍ପଷ୍ଟ ହୋଇଗଲା ଯେତେବେଳେ ଶିଶୁ ଦ୍ୱୟଙ୍କର ବାବା ବ୍ରହ୍ମୋପଦେଶ ଦେଉଥିବା ବେଳେ ପତଳା ଲୁଗା ମୁଣ୍ଡରେ ଘୋଡ଼େଇ ବସି ଏହା ଶୁଣୁଥିବା ବେଳେ ପରେ ଜଣେ ଶିଶୁ କହିଲା ଯେ, ଲୁଗା ଭିତରୁ ସେ ନିଜ ବାବାଙ୍କ ମୁହଁ ଦେଖିନପାରି ଭଗବାନ ସତ୍ୟସାଇ ବାବାଙ୍କ ମୁହଁ ଦେଖିପାରୁଥିଲା । ବାବାଙ୍କ ଅଦୃଶ୍ୟ ଉପସ୍ଥିତି ଯୋଗୁ ରାମଚନ୍ଦ୍ରନ୍ଙ୍କ ଘରେ ୧୦୦ ଜଣଙ୍କ ପାଇଁ ରନ୍ଧା ହୋଇଥିବା ଖାଦ୍ୟ ୧୦୦୦ ଜଣଙ୍କୁ ପରଶା ଯାଇପାରିଲା । **(କ୍ରମଶଃ ...)**



ସୌଭାଗ୍ୟ ରଞ୍ଜନ ମହାନ୍ତି
ଗଙ୍ଗୋତ୍ରୀ ନଗର, ଶରୋଢ
ନଂ-୩, ଶିଶୁପାଳଗଡ
ମୋ-୪୩୭୯୯୪୩୭୯

# ଉତ୍ତପ୍ତର ବର୍ଷ ୨୦୨୪

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୁହାଯାଇଛି ଯେ, ଗଲା ୧୦୦ବର୍ଷ ମଧ୍ୟରେ ଚଳିତ ଶତାବ୍ଦୀର ଦୁଇଟି ବର୍ଷ ୨୦୧୬ ଓ ୨୦୨୩ ମସିହା ସୁବଠାରୁ ଉତ୍ତପ୍ତ ବର୍ଷ ଥିଲା। ତେବେ ୨୦୧୬ ସବୁଠାରୁ ଉତ୍ତପ୍ତ ବର୍ଷ ଥିବାବେଳେ ୨୦୨୩ ତାଠାରୁ ସାମନ୍ୟ କମ୍ ତଥା ଦ୍ୱିତୀୟ ସ୍ଥାନରେ ରହିଥିଲା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ୨୦୨୩ରେ ୧୬୦ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତ ବର୍ଷର ଫେବୃୟାରୀ ଏବଂ ଅଗଷ୍ଟ ମାସ ସବୁଠୁ ଉତ୍ତପ୍ତ ରହିଥିବାବେଳେ ସେପ୍ଟେମ୍ବର ମାସ ଦ୍ୱିତୀୟ ଉତ୍ତପ୍ତ, ଅକ୍ଟୋବର ଏବଂ ନଭେମ୍ବର, ତୃତୀୟ ଉତ୍ତପ୍ତ ଏବଂ ଡିସେମ୍ବର ମାସଟି ସପ୍ତମ ଉତ୍ତପ୍ତ ମାସ ଥିଲା। ଏହି ମାସଗୁଡିକରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ଥିବାରୁ ଏହା ଉତ୍ତପ୍ତ ବର୍ଷ ଥିଲା ବୋଲି କୁହାଯାଏ। ଏହି ବର୍ଷରେ ଗ୍ରୀଷ୍ମ ପ୍ରବାହ ପ୍ରଭାବରେ ୧୬୦ଜଣଙ୍କର ଜୀବନ ଯାଇଥିବା ସମୟରେ ଭାରତ ଓ ବଙ୍ଗୋପସାଗର ଏବଂ ଆରବ ସାଗରେ ୬ଟି ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇଥିଲା। ସେହିପରି ଗତ ବର୍ଷ ୯୫ ପ୍ରତିଶତ ବର୍ଷା ହୋଇଥିଲା ବେଳେ ଗତ ଡିସେମ୍ବର ମାସରେ ଅର୍ଥାତ ଆମ ଦେଶରେ ଶୀତ ଦିନରେ ତାମିଲନାଡୁ ଓ ଆନ୍ଧ୍ରରେ ଯେଭଳି ବର୍ଷା ହୋଇଥିଲା, ତାହା ରେକର୍ଡ ଭଙ୍ଗ କରିଛି। ଆହୁରି ମଧ୍ୟ ୨୦୨୩ରେ ଦେଶରେ ବଜ୍ରପାତରେ ୧୨୭୦ ଜଣଙ୍କର ମୃତ୍ୟୁ ଘଟିଥିଲା। ବଜ୍ରପାତ ଜନିତ ମୃତ୍ୟୁରେ ଦେଶରେ ବିହାର ପ୍ରଥମ ସ୍ଥାନରେ ରହିଥିବା ସମୟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଓ ମଧ୍ୟପ୍ରଦେଶ ତୃତୀୟ ସ୍ଥାନରେ ରହିଥିଲା। ସେହିବର୍ଷ ବନ୍ୟା ଓ ବର୍ଷାରେ ୮୪୦ଜଣଙ୍କର ମୃତ୍ୟୁ ଘଟିଥିଲା ବୋଲି ସରକାରୀ ରିପୋର୍ଟରୁ ଜଣାଯାଇଛି। ଆହୁରି ମଧ୍ୟ ୨୦୨୩ରେ ଖରା'ର ଅବଧି ବଢିଚାଲିଥିଲା ବେଳେ ବର୍ଷା ଓ ଶୀତ ଚର୍ତୁର୍ମାସର ଅବଧି ହ୍ରାସ ପାଇଥିଲା। ଦେଶର କେତେକ ସ୍ଥାନରେ ଏବେ ପ୍ରବଳ ବର୍ଷା ହୋଇଥିଲା ଯେ, ଶହେ ବର୍ଷର ରେକର୍ଡ ଭାଙ୍ଗି କରିଥିବା ସମୟରେ କେତେକ ଅଂଚଳରେ ଅନାବୃଷ୍ଟି ଯୋଗୁଁ ବ୍ୟାପକ ଶସ୍ୟହାନୀ ଘଟିଥିଲା। ତେବେ ଆମେ ଏସବୁ ଏଠାରେ ଅବତାରଣା କରିଛୁ ଏଇଥିପାଇଁ ଯେ, ଗଲା ବର୍ଷ ତୁଳନାରେ ଚଳିତ ୨୦୨୪ ବର୍ଷ ଆହୁରି ଉତ୍ତପ୍ତ ହେବା ନେଇ ବିଶ୍ୱର ବହୁ ପାଣିପାଗ ସଂସ୍ଥା ବର୍ଷ ଆରମ୍ଭରୁ ପୂର୍ବାନୁମାନ କରିସାରିଲେଣି। ଗଲା ବର୍ଷ ଜୁନ ମାସରୁ ପ୍ରଶାନ୍ତ ମହାସାଗରରୁ ପ୍ରବାହିତ ଉତ୍ତପ୍ତ ବାୟୁ ଏଲ-ନିନୋ ପ୍ରଭାବ ଯୋଗୁଁ ଚଳିତ ବର୍ଷ ଉତ୍ତପ୍ତ ହେବା ଆଶଙ୍କା କରାଯାଏ। କିନ୍ତୁ ଏହା ନିଃସନ୍ଦେହ କ୍ରମାଗତ ଭାବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ନଭେମ୍ବରରେ ଏହା ୨ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବା ନେଇ ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲୁଏମଓ) ରିପୋର୍ଟ କହେ। ୨୦୧୫ରେ ପ୍ୟାରିସ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ପରିବେଶ ସମ୍ମିଳନୀ କପ୍-୨୧ରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସରେ ସିମିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଇତି ମଧ୍ୟରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆନ୍ତର୍ଜାତିକ ପରିବେଶ ସମ୍ମିଳନୀ ୭ ଥର ଅନୁଷ୍ଠିତ ହୋଇଥିଲେ ମଧ୍ୟ ବିଶ୍ୱତାପମାତ୍ରା ବୃଦ୍ଧିକୁ ନିୟନ୍ତ୍ରଣ କରିବା ବା ହ୍ରାସ କରିବା ନିମନ୍ତେ ବିକଶିତ ରାଷ୍ଟ୍ରଗୁଡିକ ହୁଅନ୍ତୁ ବା ବିକାଶଶୀଳ ରାଷ୍ଟ୍ରଗୁଡିକ ହୁଅନ୍ତୁ କେହି ଆଗ୍ରହୀ ନୁହଁନ୍ତି କି ସାମୁହିକ ଉଦ୍ୟମ ହେଉଥିବା ଦେଖିବାକୁ ମିଳୁନାହିଁ। ନିକଟ ଅତୀତରେ ଅକ୍ସଫାମ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ସବୁଠାରୁ ସମୃଦ୍ଧ ଓ ଧନୀ ରାଷ୍ଟ୍ରଗୁଡିକ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ସବୁଠୁ ବେଶୀ ଦାୟୀ। ଆମେରିକା, ବ୍ରିଟେନ ଓ ଚୀନ ପରି ବିକଶିତ ଦେଶ ନିଜେ କଳକାରଖାନା ଓ ଉଦ୍ୟୋଗ ଗୁଡିକରେ ଜୀବାଶ୍ମ ଇନ୍ଧନର ସର୍ବାଧିକ ବ୍ୟବହାର କରି ଜଳବାୟୁ ପ୍ରଦୂଷଣ ସହ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ହୋଇଥିବା ବେଳେ ଏଥିଲାଗି ବିକାଶଶୀଳ ଦେଶଗୁଡିକୁ ଦୋଷ ଦେଇ ଏଭଳି ଇନ୍ଧନର ଉପଯୋଗ ବନ୍ଦ କରିବା ପାଇଁ ଚାପ ପକାଇବାରେ ଲାଗିଛନ୍ତି। ବିକଶିତ ତଥା ବିତ୍ତଶାଳୀ ରାଷ୍ଟ୍ରଗୁଡିକର ମତିଗତିରେ ଯଦି କୌଣସି ପରିବର୍ତ୍ତନ ନଘଟେ, କିମ୍ବା ସେମାନେ କୌଣସି ଚୂଡାନ୍ତ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ବିଶ୍ୱକୁ ଏଥିପାଇଁ ଯଥେଷ୍ଟ ମୂଲ୍ୟ ଦେବାକୁ ହେବ। ଏହାର କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ। ଚଳିତ ଶତାବ୍ଦୀର ଦୁଇଟି ବର୍ଷ ୨୦୧୬ ଓ ୨୦୨୩ ଗଲା ୧୦୦ ବର୍ଷରୁ ଅଧିକ ସମୟ ଅର୍ଥାତ ୧୪୩ ବର୍ଷ ମଧ୍ୟରେ ସବୁଠାରୁ ଉତ୍ତପ୍ତ ବର୍ଷ ହୋଇଥିବା ବେଳେ ଏବେ ୨୦୨୪ ଗତବର୍ଷ ୨୦୨୩ ତୁଳନାରେ ଆହୁରି ଉତ୍ତପ୍ତ ହେବ। ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେବା ଏହାର ଗୁରୁତ୍ୱ ବହନ କରେ। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ମରୁଡିର ଆଶଙ୍କା ବୃଦ୍ଧି ପାଇଥିବା ବେଳେ ଅନ୍ୟପଟେ ବରଫ ତରଳିବା ଏବଂ ସମୁଦ୍ରର ଜଳପତନ ବୃଦ୍ଧି ପାଇବା ବିପଦ ଘନୀଭୂତ ହେବାରେ ଲାଗିଛି। ଆର୍କଟିକା ମହାଦେଶରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦ୍ରୁତ ବରଫ ସ୍ତର କ୍ଷୟ ହେବାରେ ଲାଗିଛି, ଯାହାର ପ୍ରଭାବରେ ସମୁଦ୍ରର ଜଳପତନ ସେହି ବେଗରେ ବଢିବାରେ ଲାଗିଛି। ଗତ ୧୯୭୯ରୁ ୨୦୧୭ ମଧ୍ୟରେ ଆର୍କଟିକା ମହାଦେଶରେ ଉତ୍ତରମେରୁରେ ପ୍ରାୟ ୬ ଗୁଣ ବରଫ ହ୍ରାସ ପାଇଛି। ଯାହାର ପ୍ରଭାବରେ ଫିଜି ସମେତ କେତେକ ଦେଶର ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଥିବା ବହୁ ଦ୍ୱୀପ ସମୁଦ୍ରଗର୍ଭରେ ଲୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଯେଉଁଭଳି ଭାବେ ଏବେ ବରଫ ତରଳିବାରେ ଲାଗିଛି ଶତାବ୍ଦୀ ଶେଷବେଳକୁ ସମୁଦ୍ର ଜଳପତନ ପ୍ରାୟ ୧୦ପ୍ରତିଶତ ବୃଦ୍ଧି ପାଇବା ଅନୁମାନ କରାଯାଏ। ବିଶ୍ୱର ସମୁଦ୍ର କୂଳରେ ଅବସ୍ଥିତ ୧୨ଟି ବଡ ବଡ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଅତୀତରେ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ସମୁଦ୍ର ଗର୍ଭରେ ବିଶ୍ୱର ୬ଟି ସହର ତଥା ଭାରତର ଦ୍ୱାରିକା, ଜାମାଇକାର ପୋର୍ଟରୟାଲ, ଇଟାଲୀର ପବଲେପେଟ୍ରି, ଆର୍ଜେଣ୍ଟିନାର ଏବଂ ଆର୍ଜେଣ୍ଟିନାର ବିଲା ଏପିକୁଏନ ସହର ଲୀନ ହୋଇଯାଇଛି। କେବଳ ଏତିକି ନୁହେଁ, ବହୁ ଭୂଭାଗ ମଧ୍ୟରେ ସମୁଦ୍ର ଜଳ ପ୍ଲାବିତ ହୋଇଯାଇଥିବା କୁହାଯାଏ । ସେହିପରି ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ହିମାଳୟରେ ବରଫ ସ୍ଖଳନ ସହ ତରଳିବାରେ ଲାଗିଛି । ଯଦି ଏହି ଧାରା ରହେ, ତେବେ ଗଙ୍ଗା, ଯମୁନା ପରି ଚିର ସ୍ରୋତା ନଦୀ ଅବିଳମ୍ବେ ଶୁଷ୍କ ପାଲଟିଯିବ। ଗତ ବର୍ଷ ହିମାଳୟରେ ବରଫ ସ୍ଖଳନ ମନରୁ ଲିଭିନାହିଁ। ଚଳିତ ବର୍ଷ ୨୦୨୪ ଯଦି ଉତ୍ତପ୍ତର ବର୍ଷ ହୁଏ, ତେବେ ହିମ ସ୍ଖଳନ ଅବଶ୍ୟମ୍ଭାବୀ। ବେଳୁ ହିଁ ସାବଧାନ ଓ ସଚେତନ ଜରୁରୀ।

**ଚଳିତ ଶତାବ୍ଦୀର ଦୁଇଟି ବର୍ଷ ୨୦୧୬ ଓ ୨୦୨୩ ଗଲା ୧୦୦ ବର୍ଷରୁ ଅଧିକ ସମୟ ଅର୍ଥାତ ୧୪୩ ବର୍ଷ ମଧ୍ୟରେ ସବୁଠାରୁ ଉତ୍ତପ୍ତ ବର୍ଷ ହୋଇଥିବା ବେଳେ ଏବେ ୨୦୨୪ ଗତବର୍ଷ ୨୦୨୩ ତୁଳନାରେ ଆହୁରି ଉତ୍ତପ୍ତ ହେବ। ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେବା ଏହାର ଗୁରୁତ୍ୱ ବହନ କରେ। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ମରୁଡିର ଆଶଙ୍କା ବୃଦ୍ଧି ପାଇଥିବା ବେଳେ ଅନ୍ୟପଟେ ବରଫ ତରଳିବା ଏବଂ ସମୁଦ୍ରର ଜଳପତନ ବୃଦ୍ଧି ପାଇବା ବିପଦ ଘନୀଭୂତ ହେବାରେ ଲାଗିଛି। ଆର୍କଟିକା ମହାଦେଶରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦ୍ରୁତ ବରଫ ସ୍ତର କ୍ଷୟ ହେବାରେ ଲାଗିଛି, ଯାହାର ପ୍ରଭାବରେ ସମୁଦ୍ରର ଜଳପତନ ସେହି ବେଗରେ ବଢିବାରେ ଲାଗିଛି। ଗତ ୧୯୭୯ରୁ ୨୦୧୭ ମଧ୍ୟରେ ଆର୍କଟିକା ମହାଦେଶରେ ଉତ୍ତରମେରୁରେ ପ୍ରାୟ ୬ ଗୁଣ ବରଫ ହ୍ରାସ ପାଇଛି। ଯାହାର ପ୍ରଭାବରେ ଫିଜି ସମେତ କେତେକ ଦେଶର ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଥିବା ବହୁ ଦ୍ୱୀପ ସମୁଦ୍ରଗର୍ଭରେ ଲୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଯେଉଁଭଳି ଭାବେ ଏବେ ବରଫ ତରଳିବାରେ ଲାଗିଛି ଶତାବ୍ଦୀ ଶେଷବେଳକୁ ସମୁଦ୍ର ଜଳପତନ ପ୍ରାୟ ୧୦ପ୍ରତିଶତ ବୃଦ୍ଧି ପାଇବା ଅନୁମାନ କରାଯାଏ।**



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

# ସଫେଦ ଝୁଟ

**ମିଛ ଅନ୍ଧାର ଭଳି । ସତ ଆଲୋକ ସମ । ହେଲେ ସତ କହି ଅଡୁଆରେ ପଡ଼ିବା ଅପେକ୍ଷା ମିଛ କହି ସୁବିଧାଜନକ ସ୍ଥିତିରେ ରହିବାକୁ ଚାହାନ୍ତି ସ୍ୱାର୍ଥୀ ସ୍ୱାର୍ଥପର । ସତରେ ନଷ୍ଟି ବା କ୍ଷତି ଭୋଗିବାକୁ ପଡ଼ିପାରେ । ମିଛରେ ଯେ ହୋଇପାରେ ମହଣ ଲାଭ ତେଣୁ ଲାଭ ଆଡ଼କୁ ମୁହାଁଇବାକୁ ପସନ୍ଦ କରନ୍ତି ତଥାକଥିତ ମିଛୁଆ । ସତ କହି ହୀନସ୍ତା ହେବେ କିଆଁ, ମିଛ କହି ଲାଭବାନ ନ ହେବେ କାହିଁକି? ଏଇ ବିଚାର ଅନେକଙ୍କୁ କରେ ମିଛମୁହାଁ । ମିଛୁଆ ଏବେ ମେଳି ବାନ୍ଧି ମିଛକୁ କହିବୋଲନ୍ତି ସତ । ଆଉ ଯେ ମିଛ କହିପାରୁନଥିବା ଲୋକ ଆଉଟୁ ପାଉଟୁ ହୁଏ ସତ କହି । ନିତି ମିଛ ପିଠିରେ ଏବେ ସତର ମୋହର ବସିବା ସାମ୍ପ୍ରତିକ ସମୟର ସାଂଘାତିକ ଯୁଗ ଯନ୍ତ୍ରଣା । ସ୍ଥଳ ବିଶେଷରେ ସତକୁ ଘେରି ହନ୍ତସନ୍ତ କରନ୍ତି ମିଛର ସୌଦାଗରମାନେ । ସତ ମରେ ନାହିଁ । ସତ ହାରେ ବି ନାହିଁ । ଡେରିରେ ହେଲେ ବି ସତ ସାମ୍ନାକୁ ଆସିଥାଏ ଏବଂ ସତ ସାମ୍ନାକୁ ଆସିଲା ବେଳକୁ ଲହୁଲୁହାଣ ହେଇସାରିଥାନ୍ତି ସତ୍ୟପ୍ରିୟ ସତ୍ୟବାନ । ତଥାପି ସତ କହି ସତ୍ୟପ୍ରିୟ ଯେଉଁ ସୁଖ ଆନନ୍ଦ ଲଭିଥାନ୍ତି, ସେଇ ଦୁର୍ଲ୍ଲଭ ଅନୁଭବ ମିଛର ସୌଦାଗରମାନେ କେବେ ବି ପାଇପାରିନଥାନ୍ତି ।**

ଏକ ହିନ୍ଦୀ ସିନେମାର ନାଆଁ ସଫେଦ ଝୁଟ ଯାହାର ଓଡ଼ିଆ ପରିଭାଷା ତାହା ମିଛ । କିଛି ମିଛ ପୁଣି ଥାଏ ମିଠା ଯାହା ଉଦ୍ଦିଷ୍ଟ ଥାଏ ଅନ୍ୟକୁ ଭଣ୍ଡେଇବା ପାଇଁ, ଠକିବା ପାଇଁ, ଏପରିକି ଅନ୍ୟର ମନ ଧରିବା ପାଇଁ। ତାହା ମିଛର ଅବତାରଣାରେ ତିଆରି ହୋଇଛି ସଫେଦ ଝୁଟ ହିନ୍ଦୀ ସିନେମାଟି । ଅସଲକୁ ଏ ଦୁନିଆ ଏକ ରଙ୍ଗୀନ ରଙ୍ଗ ମଞ୍ଚ । ଦୁନିଆ ରଙ୍ଗ ମଞ୍ଚରେ ପ୍ରତ୍ୟେକ ମଣିଷ ଜଣେ ଜଣେ ନିଖୁଣ କଳାକାର । ନିଜ ନିଜ ଅଭିନୟ ସାରି ବାହୁଡ଼ିଯାଆନ୍ତି କାଳର ବଳେ ସଭିଏଁ । କିଏ ଏ ରଙ୍ଗ ମଞ୍ଚରେ ନା ରହିଛନ୍ତି ନା ରହିବେ ସବୁଦିନେ । ହେଲେ କିଏ କେତେ ନିଖୁଣ ଅଭିନୟ କରନ୍ତି ତାହା ତାଙ୍କର କଳା ଚାତୁର୍ଯ୍ୟ ଉପରେ ନିର୍ଭର କରିଥାଏ । ଜଣ ଜଣକୁ ଏଠି ଏକାଧିକ ଭୂମିକାରେ ଅଭିନୟ କରିବାକୁ ହୋଇଥାଏ ।

କିଏ ପୁଣି ଚିତ୍ରଣ କରନ୍ତି ଏ ଦୁନିଆ ମିଛ ମାୟାର । ମିଛ ମାୟାର ସଂସାରରେ ମଣିଷ ବିଭିନ୍ନ ଭୂମିକା ତୁଲାଇବା ଭିତରେ କେତେବେଳେ ଯେ ସିଏ କାହା ପାଇଁ ମିଛୁଆ ପାଲଟିଯାଇଥାଏ ଅନେକଙ୍କୁ ଠକିବା କାମରେ ରହି କେତେକ ତ ଅଭ୍ୟାସଗତ ଠକର ପରିଚୟ ତିଆରି କରି ବସିଥାନ୍ତି । ନିଜେ ଅହରହ ଠକାମୀ କାମରେ ରହି କଥା ଦେଇ କଥା ନରଖି ଏପରିକି କାହାଠୁ ହାତ ଉଧାରି ନେଇ ଫେରାଇବାର କଷ୍ଟ ଦେଇ କଥା ରଖି ନ ପାରିଲେ ଠକ ହେବେ କି ନାହିଁ ? ବାରମ୍ବାର ଠକିଲେ ମିଛ କହିଲେ ମିଛୁଆର ପରିଚୟ ବଳେ ତିଆରି ହୋଇଯାଏ ।

ମିଛ କହିବା ତ ଠିକ ନୁହେଁ ମିଛ ବି ପାପ ପର୍ଯ୍ୟାୟଭୁକ୍ତ ମହାତ୍ମା ଗାନ୍ଧୀଙ୍କ ଭାଷାରେ ମିଛ କହିବା ତ ମହାପାପ । ଏଠି ପୁଣି କେଉଁ ମିଛ ଚଳନୀୟ ମନେ ହେଲା ବେଳକୁ କେଉଁ ମିଛ ଯେ ସମ୍ପୂର୍ଣ୍ଣ ଗ୍ରହଣୀୟ ହୋଇନଥାଏ । ଯେମିତି ଧରାଯାଉ ଦପ୍ତରକୁ ଆସୁ ଆସୁ ପୁରୁଣା ବନ୍ଧୁଜଣଙ୍କୁ ଆସିବା ବାଟରେ ହଠାତ ଆବିଷ୍କାର କରି ଟିକେ ଅଟକିଗଲେ ଏବଂ ଦପ୍ତରରେ ପହଞ୍ଚିବାରେ ଟିକେ ବିଳମ୍ବ ଘଟିଲା । ଏ ଘଟଣା ଅଫିସରଙ୍କ ନଜରରେ ଆସିଲାରୁ କୈଫତ ଦେବାକୁ ଯାଇ ଯଦି ସାମାନ୍ୟ ମିଛ କହନ୍ତି ସାର ବାଟରେ ଚକରୁ ପବନ ବାହାରିଗଲା ଚକ ମରାମତି କରି ଆସୁ ଆସୁ ଟିକେ ଡେରିହୋଇଗଲା ଏଥିରେ ଅଫିସର ନୀରବି ଯାଇପାରନ୍ତି ।

ହେଲେ ମିଛ ସବୁବେଳେ ମିଛ । ତଥାପି ପରିସ୍ଥିତିରୁ ମୁକୁଳିବା ପାଇଁ ଏ ମିଛ କହିବାରେ ଗୁରୁତର ଭୁଲ ନାହିଁ ବୋଲି କୁହାଯାଇପାରେ । କିନ୍ତୁ ନିୟମିତ ବାହାନା କରି ଠକିବା କାର୍ଯ୍ୟ କଦାପି କେଉଁଠି ଗ୍ରହଣୀୟ ହେବନାହିଁ । ମିଛ ବାହାନା କରିବା ଘୃଣ୍ୟ କାର୍ଯ୍ୟ ମଧ୍ୟ । ଏହା ମଧ୍ୟ ସତ ଯେ ଅନେକ ମିଛ ବାହାନା କରିଥାନ୍ତି ଅନେକ ସମୟରେ ନିଜର ବୃତ୍ତିଗତ କାର୍ଯ୍ୟ ବଦଳରେ ନିଜ ବ୍ୟକ୍ତିଗତ କାମରେ ଅଧିକ ସମୟ ଦେଇଥାନ୍ତି କେତେକ ଅଭ୍ୟାସଗତ ଠକ । ଯେଉଁ ମିଛ କଥା - କାମରେ ସମୂହ ଦେଶ ସମାଜର ବୃହତ୍ତର କ୍ଷତି ଘଟୁଥାଏ / ଘଟିବାର ଆଶଙ୍କା ଥାଏ, ସେଇ ମିଛ ଅପରାଧ ସହ ସମାନ । ଯେଉଁଠି ସମାଜର କ୍ଷତି ନ ଘଟି ବ୍ୟକ୍ତିର କ୍ଷତି ଘଟିଥାଏ ସେଇପ୍ରକାର ମିଛ ପାଇଁ ବ୍ୟକ୍ତି ଏକା ଦାୟୀ । ମଦୁଆକୁ ମଦ ପିଇବା ନେଇ ପଚରାଗଲେ ସେ ମଦ ପିଇବାକୁ ଅସ୍ୱୀକାର କରି ସଫେଦ ଝୁଟ ହିଁ କହିଥାଏ ।

ଦେଶ ସମାଜର ଅନେକ କ୍ଷତି ଘଟାଇ ମିଠା ମିଛ କହି ପୁଣି ଯାହାକିଛି ସୁନ୍ଦର ବାହାନାର ବାରମ୍ବାର ସାହାରା ନେଇ ସୁବିଧାବାଦୀ ମାନସିକତା ରଖିବା, ରଖିଚାଲିବା ଆଦୌ ଗ୍ରହଣୀୟ ନୁହେଁ । ସ୍ପୃହଣୀୟ ବି ନୁହେଁ । ଦେଶ ସମାଜର ବୃହତ୍ତର କ୍ଷତି ଘଟାଉଥିବା ମିଛ କଥା - କାମ ସର୍ବଦା ଅଗ୍ରହଣୀୟ ହେବା ଚାହି । ସେ ପ୍ରକାର ମିଛ ବା ସକଳ ଠକାମୀକୁ ସବୁ ସ୍ତରରେ ନିରୁତ୍ସାହିତ କରାଯିବା ଚାହି । ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭିତରୁ ଗୋଟେ ମାଙ୍କଡ଼ ମୁହଁ ପାଟିକୁ ବନ୍ଦ କରି ରଖିବା ଖରାପ କଥା କହିବା ନାହିଁକୁ ଯାହା ସୂଚାଏ ସେଇ ଖରାପ କଥା ଭିତରେ ମିଛ କହିବା ନାହିଁ ବି ଆସିପାରେ ।

ଯିଏ ଯାହା ନ ଥାନ୍ତି ତାଙ୍କୁ ତାଆଠୁ ଅଧିକ ବନେଇ ଚୁନେଇ ବଢ଼େଇ କହିବା ମାନେ ମିଛକୁ ପ୍ରୋତ୍ସାହିତ କରିବା ସହ ସମାନ । ହୃଦୟହୀନକୁ ମିଛ ପ୍ରଶଂସା କରିବାକୁ ଯାଇ ଦୟାବାନ ଚିତ୍ରଣ କରିବା ଠିକ ନୁହଁ । କିନ୍ତୁ ସ୍ୱାର୍ଥ ସାଧନ ପାଇଁ, ଅନୁଗ୍ରହ ଲଭିବା ପାଇଁ କରାଯାଏ ।

ମିଛ ଅନ୍ଧାର ଭଳି । ସତ ଆଲୋକ ସମ । ହେଲେ ସତ କହି ଅଡୁଆରେ ପଡ଼ିବା ଅପେକ୍ଷା ମିଛ କହି ସୁବିଧାଜନକ ସ୍ଥିତିରେ ରହିବାକୁ ଚାହାନ୍ତି ସ୍ୱାର୍ଥୀ ସ୍ୱାର୍ଥପର । ସତରେ ନଷ୍ଟି ବା କ୍ଷତି ଭୋଗିବାକୁ ପଡ଼ିପାରେ । ମିଛରେ ଯେ ହୋଇପାରେ ମହଣ ଲାଭ ତେଣୁ ଲାଭ ଆଡ଼କୁ ମୁହାଁଇବାକୁ ପସନ୍ଦ କରନ୍ତି ତଥାକଥିତ ମିଛୁଆ । ସତ କହି ହୀନସ୍ତା ହେବେ କିଆଁ, ମିଛ କହି ଲାଭବାନ ନ ହେବେ କାହିଁକି ? ଏଇ ବିଚାର ଅନେକଙ୍କୁ କରେ ମିଛମୁହାଁ । ମିଛୁଆ ଏବେ ମେଳି ବାନ୍ଧି ମିଛକୁ କହିବୋଲନ୍ତି ସତ । ଆଉ ଯେ ମିଛ କହିପାରୁନଥିବା ଲୋକ ଆଉଟୁ ପାଉଟୁ ହୁଏ ସତ କହି । ନିତି ମିଛ ପିଠିରେ ଏବେ ସତର ମୋହର ବସିବା ସାମ୍ପ୍ରତିକ ସମୟର ସାଂଘାତିକ ଯୁଗ ଯନ୍ତ୍ରଣା । ସ୍ଥଳ ବିଶେଷରେ ସତକୁ ଘେରି ହନ୍ତସନ୍ତ କରନ୍ତି ମିଛର ସୌଦାଗରମାନେ ।

ସତ ମରେ ନାହିଁ । ସତ ହାରେ ବି ନାହିଁ । ଡେରିରେ ହେଲେ ବି ସତ ସାମ୍ନାକୁ ଆସିଥାଏ ଏବଂ ସତ ସାମ୍ନାକୁ ଆସିଲା ବେଳକୁ ଲହୁଲୁହାଣ ହେଇସାରିଥାନ୍ତି ସତ୍ୟପ୍ରିୟ ସତ୍ୟବାନ । ତଥାପି ସତ କହି ସତ୍ୟପ୍ରିୟ ଯେଉଁ ସୁଖ ଆନନ୍ଦ ଲଭିଥାନ୍ତି, ସେଇ ଦୁର୍ଲ୍ଲଭ ଅନୁଭବ ମିଛର ସୌଦାଗରମାନେ କେବେ ବି ପାଇପାରିନଥାନ୍ତି । ଝୁଟ ଯେତେ ସଫେଦ ବା ଧଳା ହେଲେ ବି ତାହା ଝୁଟ ପୁଣି କୁହାଯାଇଛି - ଏମିତି ବାଗରେ ବସି ପଡ଼ିଥିବୁ କେହି ନ କହିବେ ଉଠ, ଏମିତି ବାଗରେ କଥା କହିଥିବୁ କେହି ନ କହିବେ ଝୁଟ । ବୁଲା ବଙ୍କା କଥାରେ ବି ଝୁଟ ବା ମିଛ ନ ରହିବା ଚାହି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ଉତ୍କଳ ଦୀପିକା

ଭୁବନେଶ୍ୱର
୧୮ ଜାନୁଆରୀ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24









ପୁରୀ : ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଜପତି ମହାରାଜା ଦିବ୍ୟସିଂହ ଦେବ, '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ପ୍ରକଳ୍ପ ସ୍ଥଳ ପ୍ରଦକ୍ଷିଣ କରୁଛନ୍ତି।
(ଫଟୋ : ସମ୍ବାଦ କଳିକା)

## ।। ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ମାମଲା ।।

# ହାଇକୋର୍ଟରେ ଆସନ୍ତା ଏକ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି

**କଟକ, ୧୭।୧ :ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଗହୀରମଥା ଋଷିକୂଲ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଚିନ୍ତା ନେଇ ମାମଲା ହାଇକୋର୍ଟରେ ଜାରି ରହିଛି। ସତ୍ୟପାଠ ଦାଖଲ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସବୁ ମାଛ ଧରା ବୋଟ୍‌ରେ ଜିପିଏସ୍ ଲାଗିଲା କି ନାହିଁ ? ମେରାଇନ ଥାନାରେ ପର୍ଯ୍ୟାପ୍ତ ପରିମାଣର ପୁଲିସ ଅଛନ୍ତି କି ନାହିଁ ? ନିଷେଧାଞ୍ଚଳ ଭିତରକୁ ଯାଉଥିବା ବୋଟ ଉପରେ ନଜର ରଖିବ ମେରାଇନ ପୁଲିସ, ଏସବୁ ନେଇ ସବିଶେଷ ତଥ୍ୟ ସତ୍ୟପାଠରେ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ହାଇକୋର୍ଟ ନିଜ ଆଡୁ ଏହି ମାମଲା କରିଥିଲେ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓଡ଼ିଶାର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟ ଅଟେ, ଯେଉଁଠିକାର ଜୈବବିବିଧତା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଉତ୍ତରରେ ଧାମରା ମୁହାଣରୁ ଦକ୍ଷିଣରେ ମହାନଦୀ ମୁହାଣ ପର୍ଯ୍ୟନ୍ତ ଏହାର ପରିସର ବ୍ୟାପିଛି। ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛ ପାଇଁ ଏହି ସ୍ଥାନର ମହତ୍ତ୍ୱ ବୃଦ୍ଧି ପାଇଛି। ଏହା ବିଶ୍ୱର ତିନୋଟି ପ୍ରମୁଖ କଇଁଛ ଅଣ୍ଡାଦାନସ୍ଥଳୀ ମଧ୍ୟରୁ ଅନ୍ୟତମ।

ହାଇକୋର୍ଟଙ୍କ ଦ୍ୱାରା ଗଠିତ ତିନି ଜଣିଆ ଟିମ୍ ପୂର୍ବରୁ ରିପୋର୍ଟ ଦେଇଥିଲେ। ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସହ ମତ୍ସ୍ୟଜୀବୀଙ୍କ ଜୀବିକା ବଞ୍ଚିକି ରହୁ ବୋଲି ଟିମ୍ କହିଥିଲେ। ଗହୀରମଥା ଓ ଋଷିକୁଲ୍ୟା ନଦୀ ମୁହାଣକୁ ସୁରକ୍ଷିତ ରଖାଯାଉ। ମାଛ ଧରିବା ପାଇଁ ଯେଉଁ ସମୟରେ ମତ୍ସ୍ୟଜୀବୀଙ୍କ ଉପରେ କଟକଣା ଲଗାଯାଉଛି ସେହି ସମୟରେ ମନରେଗାରେ ସେମାନଙ୍କୁ କାମ ଦିଆଯାଉ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୩

# ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ୪୬ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର, ୧୭।୧ ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ବୁଧବାର ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା-୨୦୨୩ ପୁରସ୍କାର ସମାରୋହ ପାଳନ କରିଛି।

ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସମସ୍ତ ରେଳବାଇ କର୍ମଚାରୀଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରଶଂସା କରିବା ସହିତ ନିଷ୍ଠାପର ସେବା ଓ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ ହୋଇଥିବା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଏହି ଅବସରରେ ଶ୍ରୀ ଶର୍ମା ଉତ୍ସର୍ଗୀକୃତ, ନିଷ୍ଠାପର ସେବା ଓ କାର୍ଯ୍ୟଦକ୍ଷତା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ମହାପ୍ରବନ୍ଧକଙ୍କ ବିଶେଷ ପୁରସ୍କାର 'ବିଶିଷ୍ଟ ରେଳ ସେବା ପୁରସ୍କାର' ରେଳବାଇ କର୍ମଚାରୀମାନଙ୍କୁ ପ୍ରଦାନ କରି ସମ୍ମାନିତ କରିଛନ୍ତି। ସମୁଦାୟ ୪୬ ଜଣ ରେଳ କର୍ମଚାରୀଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଦୁଇଟି ଦଳଗତ ପୁରସ୍କାର ପ୍ରଦାନ କରାଯାଇଅଛି, ଯେଉଁମାନେ ସଙ୍କଟ ସମୟରେ ରେଳ ଟ୍ରାଫିକ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ଦିନ ରାତି କଠିନ ପରିଶ୍ରମ କରି ରେଳ ଯାତାୟାତକୁ ସ୍ୱାଭାବିକ କରିବାପାଇଁ ଉଲ୍ଲେଖନୀୟ ଅବଦାନ କରିଥିଲେ।

ଏହି ଅବସରରେ ବିଭିନ୍ନ ଦକ୍ଷତା ଶୀଲ୍ଡ଼ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରୋଡ ରେଳ ମଣ୍ଡଳକୁ ପୂର୍ବତଟ ରେଳପଥର ସର୍ବୋତ୍ତମ ମାନ୍ୟତା ଦିଆଯାଇ ସାମଗ୍ରିକ ଦକ୍ଷତା ଶୀଲ୍ଡ଼ ପ୍ରଦାନ କରାଯାଇଥିଲା। ୱାଲଟିୟର ରେଳ ମଣ୍ଡଳର ଶ୍ରୀକାକୁଲମ ରୋଡ୍ ରେଳ ଷ୍ଟେସନକୁ ବଡ଼ ଷ୍ଟେସନ ବର୍ଗରେ ଏବଂ ସମ୍ବଲପୁର ରେଳ ମଣ୍ଡଳର ବରଗଡ ରୋଡ ଷ୍ଟେସନକୁ ଛୋଟ ଷ୍ଟେସନ ବର୍ଗରେ ଶ୍ରେଷ୍ଠ ପରିଚ୍ଛନ୍ନତା କ୍ଷେତ୍ରରେ କ୍ଲିନଲିନେସ ସିଲ୍ଡ ପ୍ରଦାନ କରାଯାଇଅଛି।

ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୩ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଭାପତି ଦିବ୍ୟା ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଯୋଗଦାନ କରିଥିବାବେଳେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୩ ସମାରୋହରେ ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଏହି ଅବସରରେ ତାଙ୍କର ବକ୍ତବ୍ୟରେ ପୁରସ୍କାର ଗ୍ରହଣ କରିଥିବା ରେଳ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ରେଳପଥର ଉପ ମହାପ୍ରବନ୍ଧକ ବିଶ୍ୱଜିତ ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତା ୨୭ରେ ହେବ ସମଲେଇ ପ୍ରକଳ୍ପର ଭବ୍ୟ ଲୋକାର୍ପଣ

# ମା'ତାରିଣୀଙ୍କ ପାଖକୁ ଆସିଲା ନିମନ୍ତ୍ରଣ

**କେନ୍ଦୁଝର, ୧୭।୧ :ନ୍ୟୁଜ୍**

ଆସନ୍ତା ୨୭ ତାରିଖରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଦେବୀଙ୍କ ମୂଳ ପୀଠର ସୁରକ୍ଷା ଓ ବିକାଶ ପାଇଁ ହୋଇଥିବା ସମଲେଶ୍ୱରୀ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ପାଇଁ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ପାଖକୁ ଆସିଛି ନିମନ୍ତ୍ରଣ। ମା' ସମଲେଶ୍ୱରୀ ମନ୍ଦିରର ବରିଷ୍ଠ ପୂଜକ ପ୍ରକାଶ ରାୟଙ୍କ ନେତୃତ୍ୱରେ ନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀ ଘଟଗାଁ ଆସି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲା ପ୍ରଶାସନର ଆସିଷ୍ଟାଣ୍ଟ୍ କଲେକ୍ଟର ସୂର୍ଯ୍ୟ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ଉକ୍ତ ଟିମ୍ ମା'ତାରିଣୀଙ୍କ ପୀଠ ଘଟଗାଁଠାରେ ପହଞ୍ଚିବା ପରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ମା'ତାରିଣୀ ମନ୍ଦିର ଟ୍ରଷ୍ଟ ତଥା ଜନସାଧାରଣଙ୍କ ତରଫରୁ ବରେଣ୍ୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଘଟଗାଁ ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମନ୍ଦିର ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ଏବଂ ପୂଜକମାନଙ୍କ ସହଯୋଗରେ ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନ ଓ ଲୋକକଳା ନୃତ୍ୟ ମାଧ୍ୟମରେ ପ୍ରତିନିଧିମାନଙ୍କୁ ମା'ତାରିଣୀଙ୍କ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ମା'ସମଲେଶ୍ୱରୀ ମନ୍ଦିରର ପ୍ରତିନିଧିମାନେ ମନ୍ଦିରରେ ମା'ତାରିଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ତତ୍‌ପରେ ମା'ତାରିଣୀ ମନ୍ଦିରର ପୂଜକମାନଙ୍କୁ ମା'ସମଲେଶ୍ୱରୀଙ୍କ ମନ୍ଦିରରୁ ଆସିଥିବା ପୂଜକ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଅନୁମୋଦନ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ତତ୍ତ୍ୱାବଧାନରେ ଏବଂ ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀଙ୍କ ସଂଯୋଜନାରେ ମା'ସମଲେଶ୍ୱରୀ ମନ୍ଦିରର ପୂଜକ ତଥା ପ୍ରତିନିଧିମାନଙ୍କୁ କେନ୍ଦୁଝର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ, ସହ-ନିର୍ଦ୍ଦେଶକ ପର୍ଯ୍ୟଟନ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ନୋଡାଲ୍ ଅଫିସର ଭାବେ ମା'ସମଲେଶ୍ୱରୀ ମନ୍ଦିରରୁ ଆସିଥିବା ପ୍ରତିନିଧିମାନଙ୍କର କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା

# ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି

**କଟକ, ୧୭।୧ :ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ତଦନ୍ତ କମିଶନ ରିପୋର୍ଟକୁ ରାଜ୍ୟବାସୀ ଅପେକ୍ଷା କରିଛନ୍ତି। ରିପୋର୍ଟ ସାର୍ବଜନୀନ ପାଇଁ ସରକାରଙ୍କ ଆଭିମୁଖ୍ୟ ନେଇ ଆସନ୍ତା ଦୁଇ ଦିନ ମଧ୍ୟରେ ରାଜ୍ୟ ସରକାର କୋର୍ଟଙ୍କୁ ଜଣାଇବେ। ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ରତ୍ନଭଣ୍ଡାରରୁ ବହୁ ମୂଲ୍ୟ ସାମଗ୍ରୀ ଚୋରି ହୋଇ ଯାଇଥିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ହୋହଲ୍ଲା କରିଥିଲେ। ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଷ୍ଟିସ୍ ରଘୁବୀର ଦାସଙ୍କୁ ନେଇ ଏକ ତଦନ୍ତ କମିଶନ ଗଠନ କରିଥିଲେ। କମିଶନ ନିଜର ତଦନ୍ତ ଶେଷ କରି ୨୦୧୮ ନଭେମ୍ବର ୨୯ରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ଏବେ ଯାଏ ଏହାକୁ ସାର୍ବଜନିତ କରାଯାଉନାହିଁ।



# ଲାଞ୍ଚନେବା ମାମଲା : ଡାକ୍ତରଙ୍କୁ ୨ବର୍ଷ ଜେଲ୍ ଦଣ୍ଡ

**ଭଦ୍ରକ, ୧୭।୧ :ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ପୂର୍ବତନ ମେଡିକାଲ ଅଫିସର ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର କରୁଣାକର ରାଉତଙ୍କୁ ଲାଞ୍ଚ ନେବା ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧)ଡି-୭ ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୧୦ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

# ମାଓ ମୁକାବିଲା ପାଇଁ ଓଡ଼ିଶା-ଛତିଶଗଡ଼ ପୋଲିସ ମଧ୍ୟରେ ଭର୍ଚ୍ୟୁଆଲ ମିଟିଂ

**ମାଲକାନଗିରି, ୧୭।୧ ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା-ଛତିଶଗଡ଼ ପୋଲିସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନ ସମୟରେ ମାଓ ଗତିବିଧି ଉପରେ ରୋକ ଲଗାଇବା ପାଇଁ ଆଭାସୀ ମାଧ୍ୟମରେ ଏହି ବୈଠକ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଗଞ୍ଜେଇ ଚୋରା କାରବାର ଓ ଅନ୍ୟାନ୍ୟ ଅବୈଧ ସାମଗ୍ରୀ କାରବାର ଉପରେ ରୋକ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆୟୋଜିତ ଏହି ବୈଠକ ଆଭାସୀ ମାଧ୍ୟମରେ ହୋଇଥିବା ବେଳେ ଏଥିରେ ମାଲକାନଗିରି ଏସ୍‌ପି ନିତେଶ ୱାଧଓ୍ୱାନି, ଏସ୍‌ଡିପିଓ ସଚିନ ପଟେଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିବା ବେଳେ ବିଜାପୁର ଜିଲ୍ଲା ଏସ୍‌ପିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଡି ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଶାନ୍ତି ଶୃଙ୍ଖଳା ନିର୍ବାଚନ, ମାଓ ଦମନ ଏବଂ ଅବୈଧ ଚୋରାଚାଲାଣ ଉପରେ ରୋକ ଲଗାଇବା ଉପରେ ଆଲୋଚନା କରାଯାଇଥିବା ଜଣାପଡିଛି। ତେବେ ପୂର୍ବରୁ ମଧ୍ୟ ଏହିପରି ବୈଠକ ହୋଇଥିବା ବେଳେ ଜିଲ୍ଲା ପୋଲିସ ପକ୍ଷରୁ ସୀମାବର୍ତ୍ତୀ ଅଞ୍ଚଳରେ କଡା ଯାଞ୍ଚ ବ୍ୟବସ୍ଥା କରାଯାଇଥିବା ସହ ଉଭୟ ରାଜ୍ୟର ପୋଲିସ ମିଳିତ ସମନ୍ୱୟରେ ମାଓ ଦମନ ଅପରେସନ ମଧ୍ୟ ଆରମ୍ଭ କରାଯାଇଥିବା ଜଣାପଡିଛି ।

## ।। ମାହାଙ୍ଗା ଡବଲ ମର୍ଡର ଘଟଣା ।।

# ଫେବୃୟାରୀ ୧ ଯାଏ ବଢ଼ିଲା ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧି

**କଟକ, ୧୭।୧ :ନ୍ୟୁଜ୍‌ବ୍ୟୁରୋ**

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କୁ ପୁଣି ଆଶ୍ୱସ୍ତି ମିଳିଛି। ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧି ୨୦୨୪, ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ବଢ଼ିଛି। ସାଲେପୁର ଜେଏମ୍‌ଏଫ୍‌ସି ଅଦାଲତଙ୍କ ୨୦୨୩, ସେପ୍ଟେମ୍ବର ୨୫ର ନିର୍ଦ୍ଦେଶ ବିରୋଧରେ ଶ୍ରୀ ଜେନା ଦାୟର କରିଥିବା ଆବେଦନ (କ୍ରିମିନାଲ ରିଭିଜନ)ର ବୁଧବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। ତାଙ୍କୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ଆସନ୍ତା ଫେବୃୟାରୀ ପହିଲା ଯାଏଁ ବଳବତ୍ତର ରହିଛି। ଉଭୟ ପକ୍ଷଙ୍କ ସହମତିରେ ହାଇକୋର୍ଟ ଶୁଣାଣି ଘୁଞ୍ଚାଇଛନ୍ତି। ଆଗାମୀ ଫେବୃୟାରୀ ୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନଭେମ୍ବର ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ ରଣଜିତ ବରାଳଙ୍କୁ ନୋଟିସ୍ ଜାରି କରିବା ସହିତ ନିମ୍ନ ଅଦାଲତ ରେକର୍ଡ ତଲବ କରିଥିଲେ। ଡିସେମ୍ବର ୧୯ ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ନଭେମ୍ବର ୨ରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ଜାନୁଆରୀ ୨ ତାରିଖରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣା ତଦନ୍ତର ଫଳାଫଳ ବିରୋଧରେ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି ଅଦାଲତରେ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ। ଅଦାଲତ ଏହି ପିଟିସନର ଶୁଣାଣି କରି ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫୋନ ବାର୍ତ୍ତାଳାପର ରେକର୍ଡ (ସିଡିଆର) ଯାଞ୍ଚ କରିବାକୁ ଅଦାଲତ କହିଥିଲେ। ଏହାପରେ ପୁଲିସ ପୁଣି ତଦନ୍ତ କରିଥିଲା। କିନ୍ତୁ ଶ୍ରୀ ଜେନାଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନଥିଲା ଓ ପୁଲିସ ଫାଇନାଲ ଫର୍ମ ଦାଖଲ କରିଥିଲା। ଏହାପରେ ପୁଣି ଅଦାଲତରେ ପ୍ରୋଟେଷ୍ଟ ପିଟିସନ ଦାଖଲ କରାଯାଇଥିଲା। ଏହି ପ୍ରୋଟେଷ୍ଟ ପିଟିସନର ଅଦାଲତ ଶୁଣାଣି କରି ଶ୍ରୀ ଜେନାଙ୍କ ବିରୋଧରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି କଗନିଜାନ୍ସ ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଜେନାଙ୍କ ଆବେଦନରେ ଦର୍ଶାଯାଇଛି। ଶ୍ରୀ ବରାଳଙ୍କ ତରଫରୁ ଆଇନଜୀବୀ ପି.କେ.ଭୂୟାଁ, ପ୍ରବୀଣ କାନୁନଗୋ ମାମଲା ପରିଚାଳନା କରୁଛନ୍ତି।

